### ସରିଲା ଖରିଫ ଧାନକିଣା ଅବଧି

# ମୟୂରଭଞ୍ଜର ରେକର୍ଡ; କିଣାଗଲା ୨୯ ଲକ୍ଷ କ୍ୱିଣ୍ଟାଲ ଧାନ

ବାରିପଦା, ୭।୪(ସମିସ)



ତଥାପି ୫ ହଜାରରୁ ଅଧିକ ଚାଷୀ ବଞ୍ଚିତ

ମୟୂରଭଞ୍ଜ ଜିଲ୍ଲାରେ ଧାନକିଣା ରେକର୍ଡ଼। ଚଳିତ ବର୍ଷ ଲକ୍ଷ୍ୟ ଧାର୍ଯ୍ୟଠାରୁ ସର୍ବକାଳୀନ ରେକର୍ଡ ପରିମାଣର ଧାନ କିଣାଯାଇଛି। ତଥାପି ୫ ହଜାରରୁ ଅଧିକ ଚାଷୀ ଧାନ ବିକ୍ରି କରି ନ ଥିବା ଜଣାପଡ଼ିଛି।

ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ ଚଳିତ ଖରିଫ ଋତୁର ଧାନକିଣା ଅବଧି ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ରହିଥିଲା। ଯାହା ଶେଷ ହୋଇଛି। ଜିଲ୍ଲାର ୧୦୨ଟି କ୍ରୟକେନ୍ଦ୍ରରୁ ୧୭ଟି ମିଲର ଧାନ କ୍ରୟ କରିଥିଲେ। ୬ ତାରିଖ ରିପୋର୍ଟ ଅନୁସାରେ ମୟୂରଭଞ୍ଜ ଜିଲ୍ଲାରେ ୭୭ ହଜାର ୯୯୯ ଚାଷୀଙ୍କ ପାଖରୁ ୨୮ ଲକ୍ଷ ୯୪ ହଜାର ୯୯୫ କ୍ୱିଣ୍ଟାଲ ୮୧ କିଲୋଗ୍ରାମ ଧାନ କିଣାଯାଇଛି। ଶେଷଦିନରେ ଆଉ ସ୍ୱଳ୍ପ କିଣାଯିବାକୁ ରହିଛି। ତେବେ ଗତବର୍ଷ ତୁଳନାରେ ପାଖାପାଖି ସାଢେ ୬ ଲକ୍ଷ କ୍ୱିଣ୍ଟାଲ ଧାନ ଅଧିକ କିଣାଯାଇଛି। ଗତବର୍ଷ ଜିଲ୍ଲାରୁ ୨୨ ଲକ୍ଷ ୩୫ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ବିକ୍ରି ଯୋଗ୍ୟ ଧାନ ଚାଷୀଙ୍କ ପାଖରେ ରହିଥିବାରୁ ଧାନ କିଣା ଧାର୍ଯ୍ୟଲକ୍ଷ୍ୟ ପରବର୍ତ୍ତୀ ସମୟରେ ଜିଲ୍ଲାପାଳ ହେମକାନ୍ତ ସାଏଙ୍କ ନିର୍ଦ୍ଦେଶରେ ବୃଦ୍ଧି କରାଯାଇଥିଲା ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି। ମିଲଙ୍କ ପାଖରେ ଜାଗା ଅଭାବ ଥିବାରୁ ଆରଏମସି ଓ ଲ୍ୟାମ୍ପସ ଗୋଦାମ ବ୍ୟବହାର ପାଇଁ ଅନୁମତି ଦିଆଯାଇଥିଲା। ଜିଲ୍ଲାରେ ଧାନକିଣା ସୁରୁଖୁରୁରେ ଚାଲିବା ଫଳରେ ମୟୂରଭଞ୍ଜ ଧାନକିଣାରେ ନୂଆ ରେକର୍ଡ ସୃଷ୍ଟି କରିଛି। ତେବେ ବିଭିନ୍ନ ମଣ୍ଡିରେ କଟ୍ନି-ଛଟ୍ନି ଓ ପ୍ରଶାସନିକ ଅବହେଳାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଚାଷୀଙ୍କ ଅଭିଯୋଗ ଅନୁସାରେ, ମିଲର୍ଙ୍କ ସହ ମିଳିତ ଭାବେ କରି ମଣ୍ଡିଗୁଡ଼ିକରେ ୮ରୁ ୧୪ କିଲୋଗ୍ରାମ ପର୍ଯ୍ୟନ୍ତ 'କଟ୍ନି' କରିଥିଲେ। ଏପରିକି ମାନଦଣ୍ଡ ନାଁରେ ଚାଷୀଙ୍କୁ ଶୋଷଣ କରାଯାଉଥିବା କୃଷକ ସଂଗଠନ ଅଭିଯୋଗ ଅନୁସାରେ ସଠିକ୍ ସମୟରେ ଟୋକନ୍ ନ ଆସିବା, କମ୍ ପରିମାଣର ଟୋକନ୍ ମିଳିବା, ଗାଡି ଲୋଡିଂ ନାଁରେ ବେଆଇନ ଅର୍ଥଆଦାୟ ହେଉଥିବା ଭଳି ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଥିଲା। ଜିଲ୍ଲାର ମୋଟ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ୮୩ ହଜାର ୮୭୦ ଥିବାବେଳେ ୭୭ ହଜାର ୯୯୯ ଜଣ ବିକ୍ରି କରିଛନ୍ତି। ଅର୍ଥାତ ୫ ହଜାର ୮୭୧ ଜଣ ଚାଷୀ ଟୋକନ ପାଇ ଧାନ ବିକ୍ରି କରିନାହାନ୍ତି। ଟୋକନ୍ ଅବଧିକୁ ୧ ମାସ ବୋଲି କରାଯିବା ସହ ସରକାର ଅଧିକ ୧୫ ଦିନ ସମୟ ଦେଇଥିଲେ ହେଁ ସେମାନେ ଧାନ ବିକ୍ରି ନ କରିବା କାରଣ ଜଣାପଡ଼ିନାହିଁ ଯାହା ତଦନ୍ତ ସାପେକ୍ଷ।

## ଘୂର୍ଣ୍ଣିଝଡ଼ରେ ମୃତ ମୋନାଲିସାଙ୍କ ପରିବାରକୁ ସହାୟତା ମିଳି ନ ଥିବା ଅଭିଯୋଗ



କରଞ୍ଜିଆ, ୭।୪(ସମିସ): କରଞ୍ଜିଆ ଅଞ୍ଚଳରେ ଘଟିଥିବା ଘୂର୍ଣ୍ଣିଝଡ଼ ଏକ ପରିବାରକୁ ଗଭୀର ଶୋକରେ ବୁଡ଼ାଇଦେଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ୧୭ ବର୍ଷୀୟ ବାଳିକା ମୋନାଲିସା ମହାରଣାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ପରିବାର ବର୍ତ୍ତମାନ ଚରମ ଦୁର୍ଦ୍ଦଶାରେ ଜୀବନଯାପନ କରୁଛନ୍ତି। ମୃତକଙ୍କ ପିତାଙ୍କ ଦୁଃଖ ସମସ୍ତଙ୍କୁ ବ୍ୟଥିତ କରିଛି। ମୃତକଙ୍କ ପିତାଙ୍କ ଅଭିଯୋଗ ଅନୁଯାୟୀ, ଘୂର୍ଣ୍ଣିଝଡ଼ ସମୟରେ ମୋନାଲିସା ଗୁରୁତର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ କରଞ୍ଜିଆରେ ଚିକିତ୍ସା କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟରେ ଅବନତି ହେବାରୁ କଟକ ଏସସିବି ମେଡିକାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସା ବ୍ୟବସ୍ଥା ପ୍ରତି ଅସନ୍ତୋଷ ଜଣାଇ ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ମୋନାଲିସାଙ୍କ ପରିବାର ଗଭୀର ମାନସିକ ଓ ଆର୍ଥିକ ସଙ୍କଟରେ ପଡ଼ିଥିବା କହିଛନ୍ତି। ଝିଅର ଚିକିତ୍ସା ପାଇଁ ସେମାନେ ସମସ୍ତ ଖର୍ଚ୍ଚ ନିଜେ ବହନ କରିଛନ୍ତି। କୌଣସି ସରକାରୀ ସହାୟତା ଦିଆଯାଇ ନ ଥିବା ମୋନାଲିସାଙ୍କ ପିତା ଅଭିଯୋଗ କରିଛନ୍ତି। ଏ ପର୍ଯ୍ୟନ୍ତ କୌଣସି ଅଧିକାରୀ ତାଙ୍କ ପରିବାର ପାଖକୁ ଯାଇ ତାଙ୍କ ଅବସ୍ଥା ଜାଣିବାକୁ ମଧ୍ୟ ଚେଷ୍ଟା କରିନାହାନ୍ତି ବୋଲି ସେ ଦୁଃଖର ସହ କହିଛନ୍ତି।

### ମୟୂରଭଞ୍ଜ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ମୁକାବିଲା

## ୧୧ରୁ ୪ଟା ପର୍ଯ୍ୟନ୍ତ ହାଟ ବନ୍ଦ ପାଇଁ ପ୍ରଶାସନର ନିଷ୍ପତ୍ତି

ବାରିପଦା, ୭।୪(ସମିସ): ଗ୍ରୀଷ୍ମ ପ୍ରବାହର ତୀବ୍ରତାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କ୍ରମରେ ଜିଲ୍ଲାର ସମସ୍ତ ଦୈନିକ ଓ ସାପ୍ତାହିକ ହାଟଗୁଡ଼ିକୁ ପୂର୍ବାହ୍ନ ୧୧ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଆଦେଶ ଜାରି ହୋଇଛି। ଜିଲ୍ଲା ଜରୁରିକାଳୀନ କାର୍ଯ୍ୟାଳୟ ଦ୍ୱାରା ଜାରି ଏହି ଆଦେଶ ତତକ୍ଷଣାତ୍ ପ୍ରଭାବୀ ହେବା ସହ ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ ବଳବତ୍ତର ରହିବ ବୋଲି କୁହାଯାଇଛି। ଦିନ ମଝିରେ ବଢୁଥିବା ତାପମାତ୍ରା ଓ ତୀବ୍ର ଗରମ ଫଳରେ ହାଟ ଅଞ୍ଚଳରେ ସତର୍କତା ପଦକ୍ଷେପ ସ୍ୱରୂପ ଏପରି ପଦକ୍ଷେପ ନିଆଯାଇଛି। ଅଧିକ ଟାଣ ଖରାରେ ହିଟ୍ ଷ୍ଟ୍ରୋକ୍ ଓ ଡିହାଇଡ୍ରେସନ୍‌ର ରେ ଆକ୍ରାନ୍ତ ହେଉଥିବାରୁ ଜନସାଧାରଣଙ୍କୁ ଅନାବଶ୍ୟକ ଭାବେ ବାହାରକୁ ନଯିବା, ପର୍ଯ୍ୟାପ୍ତ ପାଣି ପିଇବା ଓ ସତର୍କତା ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ସମସ୍ତ ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବିଡ଼ିଓ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ (ନଗର ପ୍ରଶାସନ)କୁ ଏହାର କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ୍ ବିଭାଗକୁ ମଧ୍ୟ ସମସ୍ତ ଘଟଣା ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି।

## ମଣଦା ପଞ୍ଚାୟତରେ ଜେଏମ୍‌ଏମ୍‌ର ନୂତନ କମିଟି ଗଠନ



ବିଶୋଇ, ୭।୪(ସମିସ): ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ବିଶୋଇ ବ୍ଲକ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ନିଜ ଦଳକୁ ପଞ୍ଚାୟତ ସ୍ତରରେ ମଜବୁତ ସ୍ଥିତିକୁ ଆଣିବା ପାଇଁ ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିଛି। ନିଜ ଦଳର ଟାଣୁଆ ଓ ଅଭିଜ୍ଞ ସମ୍ପନ୍ନ ନେତୃବୃନ୍ଦଙ୍କୁ ନେଇ ପଞ୍ଚାୟତ ସ୍ତରରେ ନୂତନ କମିଟି ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ପଞ୍ଚାୟତ ନିର୍ବାଚନର ବିଶୋଇ ବ୍ଲକର ଉଭୟ ୩୩ ଓ ୩୪ନଂ ଜୋନରେ ଜିଲ୍ଲା ପରିଷଦ ଆସନରେ ଦଳ ସଫଳତା ହାସଲ କରିଥିବାବେଳେ ୨୦୨୭ ନିର୍ବାଚନରେ ଏହି ସଫଳତା ଦୋହରାଇବା ପାଇଁ କର୍ମୀ ଆଶାବାଦୀ ଅଛନ୍ତି। ଜେଏମ୍‌ଏମ୍‌ର ବିଶୋଇ ବ୍ଲକ ସଭାପତି ଶ୍ୟାମସୁନ୍ଦର ହାଁସଦାଙ୍କ ସଭାପତିତ୍ୱରେ ପୂର୍ବରୁ ବ୍ଲକର ନୂଆଗାଁ ପଞ୍ଚାୟତରେ ନୂତନ କମିଟି ଗଠନ କରିଥିବାବେଳେ ଆଜି ବିଶୋଇ ବ୍ଲକ ମଣଦା ପଞ୍ଚାୟତରେ ଦଳର ନୂତନ ପଞ୍ଚାୟତ କମିଟି ଗଠନ କରାଯାଇଛି। ସଭାପତି ଭାବେ ମନୋଜ ହାଁସଦା, ଉପସଭାପତି ଭାବେ ସୁନୀଲ ମାଝୀ, ସମ୍ପାଦକ ଭାବେ କାନ୍ହା ମୁର୍ମୁ, ସହସମ୍ପାଦକ ଭାବେ ଯଯାତି ହାଁସଦାଙ୍କୁ ସର୍ବସମ୍ମତି କ୍ରମେ ନୂତନ କମିଟିରେ ସାମିଲ କରାଯାଇଛି। ଏହି ନୂତନ କମିଟି ଗଠନରେ ୩୩ନଂ ଜିଲ୍ଲା ପରିଷଦ ସଦସ୍ୟ ଶୀତଲ କିସ୍କୁ, ପ୍ରାକ୍ତନ ଜିଲ୍ଲା କମିଟି ଉପସଭାପତି ଯଶୋବନ୍ତ ବାରିକ, ନୂଆଗାଁ ପଞ୍ଚାୟତ ସଭାପତି ସ୍ୱରୂପ ଚନ୍ଦ୍ର ସୋରେନ, ଜେଏମ୍‌ଏମ୍‌ର ବରିଷ୍ଠ ନେତା ସଞ୍ଜୟ ମହାନ୍ତ, ନିଧିଆ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରି ଚଳିତ ପଞ୍ଚାୟତ ନିର୍ବାଚନରେ ବ୍ଲକର ୩୩ନଂ ଜୋନରେ ଦଳକୁ ବିଜୟାଭିମୁଖୀ କରିବା ପାଇଁ ନୂତନ କର୍ମୀକୁ ଆହ୍ୱାନ ଦେଇଥିଲେ।

## ଅଜଣା ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଉଦଳା, ୭।୪(ସମିସ): ଉଦଳା ଥାନା ଅନ୍ତର୍ଗତ ନାବରା ଗ୍ରାମ ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଉଦଳା ଥାନା ନାବରା ସଂରକ୍ଷିତ ଶାଳ ଜଙ୍ଗଲ ଭିତରୁ ଜଣେ ଯୁବକଙ୍କ ଅଜଣା ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ନାବରା ଗ୍ରାମ ଜଙ୍ଗଲରେ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ଯୁବକଙ୍କ ପରିଚୟ ମିଳିପାରି ନ ଥିବାବେଳେ ମୃତଦେହ ନିକଟରେ ଏକ ସାଇକଲ ରହିଥିବା ଦେଖିବାକୁ ମିଳିଛି। ଉକ୍ତ ସାଇକଲଟି ମୃତକଙ୍କର ହୋଇଥିବା ପୁଲିସ ଅନୁମାନ କରୁଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ଆତ୍ମହତ୍ୟା ହୋଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଥିବାବେଳେ ଘଟଣାର ଖୋଳତାଡ଼ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

## ୯ ରୁ କରଞ୍ଜିଆ ମହୋତ୍ସବ

କରଞ୍ଜିଆ, ୭।୪(ସମିସ): କରଞ୍ଜିଆ ମହୋତ୍ସବ ନିମିତ୍ତ ପ୍ରାରମ୍ଭିକ ବୈଠକ ଉପଜିଲ୍ଲାପାଳଙ୍କ ସଭାକକ୍ଷରେ ଅନୁଷ୍ଠିତ ହୋଇଛି। ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ବୈଠକରେ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ମହୋତ୍ସବ କମିଟି ସଭାପତି ବାଞ୍ଛାନିଧି ପୃଷ୍ଟି,



ସମ୍ପାଦକ ଦିବ୍ୟପ୍ରସାଦ ସାହୁ ଓ ମିଡ଼ିଆ ପ୍ରତିନିଧି ଉପସ୍ଥିତ ଥିଲେ। ଆସନ୍ତା ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ମିଳନ ପଡ଼ିଆରେ କରଞ୍ଜିଆ ମହୋତ୍ସବ ଅନୁଷ୍ଠିତ ହେବ। ଏ ବର୍ଷର ବିଶେଷ ଆକର୍ଷଣ ଭାବେ ଦେଓ ନଦୀବନ୍ଧ ପ୍ରକଳ୍ପକୁ ମଞ୍ଚ ସଜ୍ଜାରେ ସ୍ଥାନ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଗଣେଶ ରାମ ସିଂ ଖୁଣ୍ଟିଆ, ବିଧାୟକ ପଦ୍ମଚରଣ ହାଇବୁରୁ, କେନ୍ଦୁଝର ସାଂସଦ ଅନନ୍ତ ନାୟକ ସହିତ ନବଚରଣ ମାଝୀ, ସିଦ୍ଧାନ୍ତ ମହାପାତ୍ର ଓ ଆକାଶ ଦାସପଟ୍ଟନାୟକଙ୍କ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଟେଲିଭିଜନ ଜଗତର କଳାକାରଙ୍କ ଯୋଗଦାନ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ-ସଦସ୍ୟା ନିଜ ମତାମତ ପ୍ରକାଶ କରିଥିଲେ।

## ପେଞ୍ଚାକ୍ ସିଲାଟ୍ ନ୍ୟାସନାଲ୍ ଲିଗ୍‌ରେ କରଞ୍ଜିଆର ଖେଳାଳିଙ୍କ ସଫଳତା




କରଞ୍ଜିଆ, ୭।୪(ସମିସ): ଅସ୍ମିତା ଖେଲୋ ଇଣ୍ଡିଆ ପେଞ୍ଚାକ୍ ସିଲାଟ୍ ନ୍ୟାସନାଲ୍ ଲିଗ୍‌ରେ କରଞ୍ଜିଆ ଅଞ୍ଚଳର ଖେଳାଳି ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଗତ ମାର୍ଚ୍ଚ ୩୧ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଜାତୀୟ ସ୍ତରର ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରି କରଞ୍ଜିଆର ଖେଳାଳି ଭଲ ପ୍ରଦର୍ଶନ କରିଥିଲେ। ମୟୂରଭଞ୍ଜ ଜିଲ୍ଲାରୁ ଯୋଗଦେଇଥିବା ମୀକ୍ଷା ପି. ମହାନ୍ତ ରେଗୁ-ସୋଲୋ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବାବେଳେ ଅନୁସ୍କାପ୍ରିୟା ନାୟକ ରେଗୁ ବିଭାଗରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ଭାଗ୍ୟଲକ୍ଷ୍ମୀ ସୋରେନ ମଧ୍ୟ ରେଗୁ ବିଭାଗରେ ସିଲଭର ପଦକ ଜିତି ନିଜ କ୍ଷମତା ପ୍ରମାଣ କରିଛନ୍ତି। ଏଥିସହ ସମୀକ୍ଷା. ପି. ମହାନ୍ତ ଓ ଅନୁସ୍କାପ୍ରିୟା ନାୟକ ଯୁଗଳ ଭାବେ ଗଣ୍ଡା ଇଭେଣ୍ଟରେ ସ୍ୱର୍ଣ୍ଣପଦକ ଜିତିଥିଲେ। ଏହି ସଫଳତା ଫଳରେ ଏହି ଖେଳାଳି ଆଗାମୀ ଦିନରେ ଇଣ୍ଡିଆ ଟିମ୍‌ରେ ସ୍ଥାନ ପାଇବାକୁ ଦୃଢ଼ ଦାବିଦାର ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ରାଜ୍ୟରୁ ୨, ୬୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ସଫଳତା ପାଇଁ କୋଚ୍ ଓ ସଂଗଠନର ସଦସ୍ୟଙ୍କ ଅବଦାନ ମଧ୍ୟ ଉଲ୍ଲେଖନୀୟ। ଏପରି ସଫଳତା ଆଗାମୀ ପିଢ଼ିଙ୍କୁ ଖେଳକୁ ଆଗକୁ ନେବାରେ ପ୍ରେରଣା ଦେବ ବୋଲି କୋଚ୍ ଆଶିଷ ମହାନ୍ତ, ଉମାବତୀ ପାତ୍ର ମତ ପ୍ରକାଶ କରିଛନ୍ତି।

## ବଜ୍ରାଘାତରେ ବଳଦ ମୃତ

କରଞ୍ଜିଆ, ୭।୪(ସମିସ): କରଞ୍ଜିଆ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ କାଳବୈଶାଖୀ ଲାଗି ରହିଛି। ଏ ପରିପ୍ରେକ୍ଷୀରେ ବାଟପଳସା ଗୋଡିଡିହା ଗ୍ରାମର ବୀରଭଦ୍ର ନାୟକଙ୍କ ଗୋଟିଏ ବଳଦ ବିଲରେ ଚାରୁଥିବାବେଳେ ବଜ୍ରାଘାତ ଯୋଗୁଁ ମୃତ୍ୟୁ ଘଟିଛି।

## ପିଆର୍‌ଏମ୍‌ରେ ବାର୍ଷିକ ବିଜ୍ଞାନଭିତ୍ତିକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ



ବାରିପଦା, ୭।୪(ସମିସ): ସ୍ଥାନୀୟ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଅଡିଟୋରିଅମରେ ବାର୍ଷିକ ବିଜ୍ଞାନଭିତ୍ତିକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ ଅଲଟିମେଟ ହସ୍‌ପିଟାଲର ହୃଦରୋଗ ବିଶେଷଜ୍ଞ ତଥା ବିଭାଗୀୟ ମୁଖ୍ୟ ଡା. ବନ ବିହାରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପ୍ରଫେସର ବ୍ରଜକିଶୋର ଦାସ, ସ୍ତ୍ରୀ ଓ ପ୍ରସୂତି ବିଭାଗ ମୁଖ୍ୟ ପ୍ରଫେସର ରୀତାଞ୍ଜଳି ବେହେରା, କର୍ଣ୍ଣ, ନାସା, ଗଳା ବିଭାଗ ମୁଖ୍ୟ ପ୍ରଫେସର ମମତା ସାହୁ, କଳାହାଣ୍ଡି ମେଡିକାଲ କଲେଜର ନିଶ୍ଚେତକ ବିଭାଗ ମୁଖ୍ୟ ଡା ସବ୍ୟସାଚୀ ଦାସ, ଛାତ୍ର ସଂସଦ ସଭାପତି ସତ୍ୟଜିତ ସାଥୁଆ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ତାଳଚେର ପିଏମପି ମେଡିକାଲ କଲେଜର ମାନସିକ ବିଭାଗର ସିନିଅର ରେସିଡେଣ୍ଟ, ଡା ତପେନ୍ଦ୍ର ଶତପଥୀ ଚିକିତ୍ସକ ସମାଜ ଅନେକାଂଶରେ ଚାପ ଯୁକ୍ତ ନିଜ ଜୀବନ ଚଳଣି ପାଇଁ ଅକାଳ ମୃତ୍ୟୁ, ଆତ୍ମହତ୍ୟା, ଏପରିକି ବୃତ୍ତିଗତ ଜୀବନରେ ଅସଫଳତା ଭଳି ସମସ୍ୟାରେ ଆକ୍ରାନ୍ତ ହୁଅନ୍ତି ବୋଲି କହିଥିଲେ। ଚାପ ମୁକ୍ତ ଜୀବନର ଅଧିକାରୀ ହେବାକୁ ହେଲେ ସର୍ବ ପରିପୂରଣକାରୀ ଜଣେ ଜୀବନ୍ତ ଆଦର୍ଶଙ୍କ ସହିତ ଯୁକ୍ତ ହୋଇ ନିଜ ଜୀବନ ଚଳଣିକୁ ମାର୍ଜିତ କରିବାକୁ ହେବ ବୋଲି ପ୍ରକାଶ କରିଥିଲେ। ସେଥିପାଇଁ ଆଧ୍ୟାତ୍ମିକତାର ଜୀବନୀୟ ଧାରାକୁ ହିଁ ଅନୁସରଣ କରିବାକୁ ହେବ ବୋଲି ସେ ପ୍ରକାଶ କରିଥିଲେ। ପିଆରଏମ ମେଡିକାଲ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ବ୍ରଜକିଶୋର ଦାସ ଜୀବନରେ ଜଣେ ପ୍ରକୃତ ମାର୍ଗଦର୍ଶକଙ୍କ ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିବା ସହିତ ଛାତ୍ର ସଂସଦର ଏଭଳି ଏକ ହୃଦୟସ୍ପର୍ଶୀ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ପର୍ଶ ହସ୍ପିଟାଲର ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡା ଗୁରୁଦତ୍ତ ମହାରଣା ଯୋଗଦେଇ ସମଗ୍ର ଚିକିତ୍ସକ ସମାଜକୁ ସୁସ୍ଥ ମନ ଓ ସୁସ୍ଥ ହୃଦୟର ଅଧିକାରୀ ହେବାକୁ ପରାମର୍ଶ ଦେଇଥିଲେ। ମୁକ୍ତିକାନ୍ତ ନାୟକ, ଯତୀନ ଦାସ, ସୁଦୀପ୍ତ ସାମଲ ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। କର୍ଣ୍ଣ, ନାସା, ଗଳା ରୋଗ ବିଶେଷଜ୍ଞ ଡା ବୀରେଶ୍ୱର ଜ୍ୟୋତିଷୀ ଧନ୍ୟବାଦ ଅର୍ପଣ କରିଥିଲେ। ଭେଷଜ ମହାବିଦ୍ୟାଳୟର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଭେଷଜ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାଙ୍କ ସହିତ ସ୍ଥାନୀୟ ଅନେକ ଭକ୍ତ ଅନୁରାଗୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଡା ନିଖିଳ କୁମାର ବେହେରା, ଡା ସର୍ବଜିତ, ଶୀତମ ସତ୍ୟ ସାଧନ ସାହୁ, ସାଇଚନ୍ଦନ ଜେନା, ଗୌରୀ ଶଙ୍କର ହୋତା, ସୂର୍ଯ୍ୟ ପ୍ରକାଶ ମାଇତି, ସବ୍ୟସାଚୀ ମଙ୍ଗରାଜ, ସତ୍ୟରଞ୍ଜନ ବିଦ୍ଧାଣି, ରବିଶଙ୍କର ପ୍ରଭାତ, ଲଳିତି ଦୀପା ସାହୁ, ଯଶୋଲିନ ଶତପଥୀ ଆଦି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜମ୍ବୀରା ପୋଲ ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ



ମୋରଡା, ୭।୪(ସମିସ): ମୋରଡା ବ୍ଲକର ଜୀବନରେଖା ଶିଳଦା ନିକଟରେ ଥିବା ଝମ୍ବୀରା ପୋଲ ଦବିଯିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ପୋଲଟି ଏମିତି ଅବସ୍ଥାରେ ଝୁଲୁଛି ଯେ କେତେବେଳେ ବି ଗଳି ପଡ଼ିବ। ଯେଉଁଥି ପାଇଁ ଆଠଟି ପଞ୍ଚାୟତବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏକ ଅସ୍ଥାୟୀ ପୋଲ ନିର୍ମାଣ ବା ପୁରୁଣା ପୋଲର ମରାମତି କରି ଯୋଗାଯୋଗ ପାଇଁ ଗତ ଏପ୍ରିଲ ୨ ତାରିଖ ଦିନ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର ପରଦିନ ୩ ତାରିଖରେ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା ତରଫରୁ ପୋଲ ନିକଟରେ ଧାରଣା ଦିଆଯାଇଥିଲା। ମଙ୍ଗଳବାର ଜିଲ୍ଲାପାଳ ହେମକାନ୍ତ ସାଏ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରୋହନ ଗୌରବ ରୟ, ଏସଡିଓ ଅରବିନ୍ଦ ମହାନ୍ତି, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଗିରି ଶିଳଦାରେ ପହଁଞ୍ଚି ପୋଲର ସ୍ଥିତି ଅନୁଧ୍ୟାନ କରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଅବିନାଶ ମହାନ୍ତି, ତୁଷାରକାନ୍ତ ବେହେରା, ସମାଜସେବୀ ସୌରଭ ରଞ୍ଜନ ମହାନ୍ତି, ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ବର୍ତ୍ତମାନ ପୋଲ ଉପରେ କେବଳ ଦୁଇଚକିଆ ଯାନ ଯିବାଆସିବା କରିପାରିବ। ବର୍ଷାଋତୁ ପୂର୍ବରୁ ପୋଲର ମରାମତି କାର୍ଯ୍ୟ କରାଯାଇ ଚାରିଚକିଆ ଯାନ ଯିବାଆସିବା ପାଇଁ ସୁବିଧା କରାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ରାୟ କହିଛନ୍ତି।

## ପିଇବା ପାଣି ସମସ୍ୟା ▶ ଗରା ଧରି ବ୍ଲକ୍‌ରେ ଢିପାସାହି ଲୋକଙ୍କ ବିକ୍ଷୋଭ

ମହୁଲଡିହା, ୭।୪(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସାତକୋଶିଆ ପଞ୍ଚାୟତର ପ୍ରଧାନ ସାହି ନିକଟ ଢିପା ସାହିରେ ୧୨ଟି ଆଦିବାସୀ ପରିବାର ବସବାସ କରୁଛନ୍ତି। ଏହି ପରିବାର ୨ କିମି ଦୂରରୁ ପିଇବା ପାଣି ଆଣି ଚଳୁଛନ୍ତି। ସେହି ପରିବାର ପକ୍ଷରୁ ବାରମ୍ବାର କୂଅ କିମ୍ବା ନଳକୂପ ଦାବି ହୋଇଆସୁଥିଲେ ମଧ୍ୟ ଏଯାବତ କୌଣସି ସୁବିଧା ହୋଇପାରିନାହିଁ। ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଆଖିଆଗରେ ରଖି ଗ୍ରାମବାସୀ ପାଣି ଗରା ଧରି ବିଡିଓଙ୍କ ଅଫିସରେ ପହଞ୍ଚି ବିକ୍ଷୋଭ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ବିଡିଓ ସ୍ୱପ୍ନେଶ୍ୱର ବେହେରା ଖୁବଶୀଘ୍ର ଏହାର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ଗ୍ରାମବାସୀ ଫେରିଥିବା ଜଣାପଡ଼ିଛି।




### କାଳବୈଶାଖୀରେ ପରିବା ଫସଲ ନଷ୍ଟ

# ହୁହୁ ହୋଇ ବଢୁଛି ପରିବା ଦର

କପ୍ତିପଦା, ୭।୪ (ସମିସ)

ଆଜକୁ ପ୍ରାୟ ୮/୧୦ ଦିନ ହେବ କପ୍ତିପଦା ବ୍ଲକ ଅଞ୍ଚଳରେ ତାଣ୍ଡବ ରଚୁଛି କାଳବୈଶାଖୀ। ମଧ୍ୟାହ୍ନ ପରେ କେଉଁଠି ଛପର ଉଡ଼ାଇ ନେଲାଣି ତ ଆଉ କେଉଁଠାରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହେଲାଣି। ବଜ୍ରପାତରେ ଗଲାଣି ଅନେକ ଜୀବନ। ସବୁଠୁ ଅଧିକ ପ୍ରଭାବିତ ହୋଇଛି ପନିପରିବା ଚାଷ। ବର୍ଷା ଓ କୁଆପଥର ମାଡ଼ରେ ପରିବା ସବୁ ନଷ୍ଟ ହୋଇଯାଇଛି। ଫଳରେ ପରିବା ଦର ଆକାଶ ଛୁଆଁ। ସାଧାରଣତଃ ଜାନୁଆରୀଠାରୁ ପରିବା ଦର କମିଯାଏ। କିନ୍ତୁ ଏ ବର୍ଷ ବର୍ଷା ଛାଡ଼ିବା ବିଳମ୍ବ ଯୋଗୁଁ ପରିବା ବିଳମ୍ବରେ ବିହାରି ଥିଲା। କାଳବୈଶାଖୀ ପ୍ରଭାବ ଯୋଗୁଁ ମୁଣ୍ଡରେ ହାତ ଦେଇ ବସିଛି ପରିବା ଚାଷୀ। ବର୍ଷା ପ୍ରଭାବରେ ଶିମିଳିପାଳ ଅଭୟାରଣ୍ୟରେ ବନାଗ୍ନି ନିୟନ୍ତ୍ରଣରେ ଥିବାବେଳେ ବର୍ଷା ପବନ ଯୋଗୁଁ ମହୁଲଫୁଲ ଝଡି ପଡ଼ିଛି। ଅଞ୍ଚଳରେ ମହୁଲ ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଥିବା ଆଦିବାସୀ ବର୍ଷକର ରୋଜଗାର ହରାଇ ଚିନ୍ତାରେ ପଡ଼ିଛନ୍ତି। ଜଳବାୟୁରେ ପରିବର୍ତ୍ତନ ପାଇଁ ଏପରି ହେଉଥିବା କୃଷି ବିଭାଗ କହୁଥିବାବେଳେ ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବ ରହିବ ବୋଲି ପାଣିପାଗ ବିଶେଷଜ୍ଞ ଆଗାମୀ ସୂଚନା ଦେଇଛନ୍ତି।



### ଯଶିପୁରରେ କୁଡୁମୀ ସେନାର ବିଶାଳ ସମାବେଶ

# ବିଜେପି ଉପରେ ବର୍ଷିଲେ କୁଡୁମୀ ନେତା

ଶୁକ୍ରୁଲି/କରଞ୍ଜିଆ, ୭।୪(ସମିସ):



ମୟୂରଭଞ୍ଜ ଜିଲ୍ଲା ଯଶିପୁରଠାରେ ଆୟୋଜିତ ହୋଇଥିବା ଓଡିଶା କୁଡୁମୀ ସେନାର ସ୍ୱାଭିମାନ ସମାବେଶ। ସମାବେଶର ମୂଳ ଲକ୍ଷ୍ୟ କୁଡୁମୀ ଜାତି ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା। କୁଡୁମୀମାନେ ପୂର୍ବରୁ ଅନୁସୂଚିତ ଜାତି ବର୍ଗରେ ସାମିଲ ଥିଲେ। ଏଣୁ ପୁଣି ଥରେ କୁଡୁମୀ ଜାତିକୁ ଅନୁସୂଚିତ ଜାତିରେ ସାମିଲ କରାଯାଉ, କୁଡୁମୀ ଜାତିର ସ୍ୱତନ୍ତ୍ର ଭାଷା କୁଡୁମାଲି ଭାଷାକୁ ଅଷ୍ଟମ ପରିଚ୍ଛେଦ ସାମିଲ କରିବା ଭଳି ଦାବି ବର୍ଷ ବର୍ଷ ଧରି କରିଆସୁଛନ୍ତି। କିନ୍ତୁ କୌଣସି ସରକାର ଏମାନଙ୍କ ଦାବି ଶୁଣୁ ନାହାଁନ୍ତି। ବିଜେଡି ସରକାର ସମୟରେ କୁଡୁମୀ ଜାତିକୁ ସମ୍ମାନ ଟିକେ ହେଲେ ମିଳୁଥିଲା। କିନ୍ତୁ ଡବଲ ଇଞ୍ଜିନ ସରକାର ସରକାର ସେତକ ଦେଉନି। ଓଲଟା ଏ ଜାତିକୁ ତଳକୁ ଠେଲି ଦେଇଛି। ଏଣୁ ଆଗାମୀ ଦିନରେ ଏହାର ଜବାବ ଦିଆଯିବ ବୋଲି ସୂଚନା ଦେଇଛନ୍ତି ଓଡିଶା କୁଡୁମୀ ସେନା ସଭାପତି ଦିବ୍ୟସିଂ ମହାନ୍ତ।

ସ୍ୱାଭିମାନ ସମାବେଶ ଅବସରରେ ଯଶିପୁର ଦୁର୍ଗା ମଣ୍ଡପ ପାଖରୁ ଏକ ରାଲି ବାହାରି ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିଥିଲା। ସଭା ଆରମ୍ଭ ପୂର୍ବରୁ କାଳ ବୈଶାଖୀ ତାଣ୍ଡବ ରଚିଲା। ଫଳରେ ସଭା କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ପରେ କନକ ରେସିଡେନସିରେ ଅଳ୍ପ ଲୋକଙ୍କୁ ନେଇ ସଭାକାର୍ଯ୍ୟ ହୋଇଥିଲା। ମୁଖ୍ୟଅତିଥି ଭାବେ ଝାଡ଼ଖଣ୍ଡର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଆଜସୁ ପାର୍ଟିର ସୁପ୍ରିମ ସୁଦେଶ ମାହାତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ କାମିନୀକାନ୍ତ ମହାନ୍ତ, ଝାଡ଼ଖଣ୍ଡର କ୍ରାନ୍ତିକାରୀ ଯୁବ ନେତା ଅମିତ ମାହାତ, ଝାଡ଼ଖଣ୍ଡର ପୂର୍ବତନ ବିଧାୟକ ଲମ୍ବୋଦର ମାହାତ, ହରେଲାଲ ମାହାତ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଓଡିଶା କୁଡୁମୀ ସେନାର ସଭାପତି ଦିବ୍ୟସିଂ ମହାନ୍ତ, ଉପସଭାପତି ମିତ୍ରଭାନୁ ମହାନ୍ତ, ସାଧାରଣ ସମ୍ପାଦକ ଦୁର୍ଗାଚରଣ ମହାନ୍ତ, ମହିଳା ସଭାନେତ୍ରୀ ସବିତା ମହାନ୍ତ, ମୟୂରଭଞ୍ଜ ଜିଲ୍ଲା ସଭାପତି ଫଣୁସ ମହାନ୍ତ, ଛାତ୍ର ସଭାନେତ୍ରୀ ମୋନାଲିସା ମହାନ୍ତ, ଯୁବ ସଭାପତି ଦେବାଶିଷ ମହାନ୍ତ କେନ୍ଦୁଝର ଜିଲ୍ଲା ସଭାପତି ତ୍ରିଲୋଚନ ମହାନ୍ତ, ସୁନ୍ଦରଗଡ଼ ଜିଲ୍ଲା ସଭାପତି ଧ୍ରୁବ ଚରଣ ମହାନ୍ତ, ଢେଙ୍କାନାଳ ଜିଲ୍ଲା ସଭାପତି ଉମେଶ ମହାନ୍ତ, ଯାଜପୁର ଜିଲ୍ଲା ସଭାପତି ପିଣ୍ଟୁ ମହାନ୍ତ, ମହିଳା ସେନାର ପ୍ରତିଭା ମହାନ୍ତ, ପୂର୍ଣ୍ଣିମା ମହାନ୍ତ, ଆରତୀ ମହାନ୍ତ, କୁଡୁମୀ ସେନାର ପ୍ରବକ୍ତା ବିପିନ ବିହାରୀ ମହାନ୍ତ, ଆବାହକ ରମାକାନ୍ତ ମହାନ୍ତ, ଦକ୍ଷିଣା ମହାନ୍ତ, ପ୍ରଭାତ କୁମାର ମହାନ୍ତ, ମାଇକେଲ, ସଂଜିତ କୁମାର ମହାନ୍ତ, ପଙ୍କଜ ମହାନ୍ତ, ଚକ୍ରଧର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। କୁଡୁମୀ ଜାତି ତାର ଦାବି ପାଇବାକୁ ହେଲେ ଆଗାମୀ ଦିନରେ ରାଜନୀତିକୁ ଜୋରଦାର କରିବାକୁ ହେବ ବୋଲି ଝାଡ଼ଖଣ୍ଡର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଆଜସୁ ସୁପ୍ରିମ ସୁଦେଶ ମାହାତ ମତ ଦେଇଛନ୍ତି।

### ● ମୟୂରଭଞ୍ଜର ୩ ବ୍ଲକ୍‌ରେ ଚଢ଼ଉ

## ୨୮ ଟି ଗ୍ୟାସ୍ ସିଲିଣ୍ଡର ଜବତ

ବାରିପଦା,୭।୪(ସମିସ): ରନ୍ଧନ ଗ୍ୟାସ କଳାବଜାରି ରୋକିବା ପାଇଁ ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲାର ବଡସାହି, ସାରସକଣା ଓ କରଞ୍ଜିଆ ବ୍ଲକ ଅଞ୍ଚଳରେ ଯୋଗାଣ ବିଭାଗ ଚଢ଼ଉ କରି ୨୮ ଟି ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରିଛି। ଏହି ଅଭିଯାନ ସମୟରେ କେତେକ ସ୍ଥାନରେ ଅବୈଧ ଭାବେ ରଖାଯାଇଥିବା ରନ୍ଧନ



ଗ୍ୟାସ ସିଲିଣ୍ଡର ଉଦ୍ଧାର କରିଛି। ସୂଚନା ମୁତାବକ, ବିଭାଗର ଅଧିକାରୀ ଗୁପ୍ତ ସୂଚନା ଆଧାରରେ ଏହି ୩ ବ୍ଲକ ଅଞ୍ଚଳ ୪ଟି ସ୍ଥାନରେ ଚଢ଼ଉ କରିଥିଲେ। ବଡସାହି ଥାନା ଅଧୀନ ଉଠାଣିମୁଆଁ ଗ୍ରାମରୁ ୧୪ଟି, ସାରସକଣା ବ୍ଲକର ୨ଟି ସ୍ଥାନରୁ ୮ଟି ଓ କରଞ୍ଜିଆ ଥାନା ଅଞ୍ଚଳରୁ ୬ଟିକୁ ମିଶାଇ ମୋଟ ୨୮ଟି ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଏହି ସିଲିଣ୍ଡରଗୁଡ଼ିକ ଅବୈଧ ଭାବେ ମହଜୁଦ ରଖାଯାଇ ବିକ୍ରି କରାଯିବା ପାଇଁ ରଖାଯାଇଥିଲା। ଏ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା କହିଛନ୍ତି। ଏହି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଜିଲ୍ଲା ପ୍ରଶାସନ ଏବଂ ବିଭାଗ ପକ୍ଷରୁ ଏଭଳି ଅବୈଧ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବା ସହ ନିୟମିତ ଚଢ଼ଉ ଜାରି ରଖିବେ ବୋଲି ସୂଚନା ମିଳିଛି।

## ୧୩ ଗୋରୁ ଉଦ୍ଧାର, ବେପାରୀ ଫେରାର୍

ମୋରଡ଼ା, ୭।୪(ସମିସ): ମୋରଡା ଥାନା ଅଞ୍ଚଳରେ ବେଆଇନ ଭାବେ ଗୋଚାଲାଣ ବୃଦ୍ଧି ପାଉଥିବାବେଳେ ମଙ୍ଗଳବାର ଉକ୍ତ ଥାନା ଅନ୍ତର୍ଗତ ହରେକୃଷ୍ଣପୁର କେନାଲ ରାସ୍ତାରୁ ୧୩ଟି ଗୋରୁକୁ ଉଦ୍ଧାର କରିଛି ପୁଲିସ। ବେପାରୀମାନେ ଉକ୍ତ ଗୋରୁଗୁଡିକୁ ଅମାନୁଷିକ ଭାବେ ପିଟି ପିଟି ଚଲାଇ ଚଲାଇ ପଡୋଶୀ ପଶ୍ଚିମବଙ୍ଗକୁ ଚାଲାଣ କରୁଥିବା ସମୟରେ ଖବର ପାଇ ଚିତ୍ରଡା ଫାଣ୍ଡି ଅଧିକାରୀ ଭୀମସେନ ମଲିକ ଓ ପୁଲିସ କର୍ମଚାରୀ ସକାଳ ୭ଟା ୩୦ ମିନିଟ ସମୟରେ ଉକ୍ତ ଥାନା ଅଧୀନ ହରେକୃଷ୍ଣପୁର ନିକଟରେ ଚଢ଼ଉ କରି ଗୋରୁଗୁଡିକୁ ଉଦ୍ଧାର କରିଛନ୍ତି। ତେବେ ଘଟଣାସ୍ଥଳରୁ ବେପାରୀମାନେ ଫେରାର ହୋଇଥିବା ସୂଚନା ମିଳିଛି।

## ଫାର୍ମାସୀ ଓ ନର୍ସିଂ କଲେଜରେ ସ୍ୱାସ୍ଥ୍ୟ ଦିବସ

କେନ୍ଦୁଝର, ୭।୪(ସମିସ): କେନ୍ଦୁଝର ଉପକଣ୍ଠ ଡିମ୍ବୋସ୍ଥିତ ରୋଟାରିୟାନ୍ ଇଂ ବସନ୍ତ କୁମାର ଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ନର୍ସିଂ କଲେଜ ଏବଂ କେନ୍ଦୁଝର ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚରେ ମିଳିତ ଭାବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପାଳିତ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉତ୍ସାହର ସହିତ ପାଳନ କରାଯାଇଥିଲା। ଏହି ବର୍ଷର ଥିମ୍ 'ଟୁଗେଦର ଫର୍ ହେଲଥ୍, ଷ୍ଟାଣ୍ଡ ଉଇଥ୍ ସାଇନ୍ସ' (ସ୍ୱାସ୍ଥ୍ୟ ପାଇଁ ଏକାଠି, ବିଜ୍ଞାନ ସହ ଛିଡା ହୁଅନ୍ତୁ)




ଅନୁସାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦାନୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ସ୍ଥାପକ ତଥା କଲେଜର ନିର୍ଦ୍ଦେଶକ ସି. ଦେବ ଦାନୀ, କେଏସ୍‌ଇ ପ୍ରିନ୍ସପାଲ ଇଂ ଅରୁଣ ପ୍ରକାଶ କାନୁନ୍‌ଗୋ, କିମସ୍‌ଆର୍ ଭାଇସ ପ୍ରିନ୍ସପାଲ ତରଣୀକାନ୍ତ ସ୍ୱାଇଁ, ପ୍ରଶାସକ ବିଭୁତି ଭୂଷଣ ସାହୁ, କଲେଜର ସମସ୍ତ ଅଧ୍ୟାପକଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ ଭାଷଣ, ପୋଷ୍ଟର ପ୍ରଦର୍ଶନ ଓ ନୃତ୍ୟ ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନ କରିଥିଲେ। ସମସ୍ତେ ସୁସ୍ଥ ଓ ସଚେତନ ସମାଜ ଗଠନ ପାଇଁ ସଂକଳ୍ପ ନେଇଥିଲେ।

### ● ବାରମାଇଲ ସାପ୍ତାହିକ ହାଟରେ ଚୋରଙ୍କ ଦୌରାତ୍ମ୍ୟ

## ଟଙ୍କା ବ୍ୟାଗ୍ ଚୋରି କରି ଧରାପଡ଼ିଲେ ୨ ଯୁବକ

ମୋରଡା,୭।୪(ସମିସ): ମୋରଡା ବ୍ଲକ ତଥା ବଡଜାମବଣି ଫାଣ୍ଡି ଅଧୀନ ବାରମାଇଲ ସାପ୍ତାହିକ ହାଟରୁ ମଙ୍ଗଳବାର ସକାଳେ ଦୁଇ ଜଣ ଯୁବକ ଚୋରି କରୁଥିବାବେଳେ ଧରାପଡ଼ି ନିସ୍ତୁକ ମାଡ଼ ଖାଇଥିବାବେଳେ ଲୋକେ ସେ ଦୁହିଁଙ୍କୁ ଅଟକ ରଖି ପୁଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି। ଯୁବକ ଦ୍ୱୟ ବାଲେଶ୍ୱର ଜିଲ୍ଲାର ସନିଆ ଦାସଙ୍କ ପୁଅ ଦୀପକ ଦାସ ଓ ଯାଜପୁର ଜିଲ୍ଲାର ଅର୍ଜୁନ ପ୍ରଧାନଙ୍କ ପୁଅ କରଣ ପ୍ରଧାନ। ଦୁହେଁ ମଙ୍ଗଳବାର ସକାଳେ ବାରମାଇଲ ସାପ୍ତାହିକ ହାଟରୁ ଜଣେ ବ୍ୟବସାୟୀଙ୍କ ଦୋକାନରୁ ଟଙ୍କା ଭର୍ତ୍ତି ବ୍ୟାଗ ନେଇ ପଳାଇବାକୁ ଉଦ୍ୟମ କରୁଥିବାବେଳେ ଲୋକଙ୍କ ହାତରେ ଧରାପଡ଼ି ନିସ୍ତୁକ ମାଡ଼ ଖାଇଥିଲେ। ଡଜାମବଣି ଫାଣ୍ଡି ଅଧିକାରୀ ଭାଗିରଥି ମହାନ୍ତ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି କିଶାନଡାଣ୍ଡି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବେତନଟୀ ଥାନାକୁ ନେଇଥିଲେ। ଏ ପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ ଦିଆଯାଇ ନ ଥିବାରୁ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ଘୂର୍ଣ୍ଣିଝଡ ସହ କୁଆପଥର ମାଡ଼ରେ ବ୍ୟାପକ



ଠାକୁରମୁଣ୍ଡା, ୭।୪(ସମିସ): ମଙ୍ଗଳବାର ଦିନ ଘୂର୍ଣ୍ଣିଝଡ଼ ସହ କୁଆପଥର ମାଡରେ ଠାକୁରମୁଣ୍ଡା ବ୍ଲକର ଜରକ ପଞ୍ଚାୟତର ବାଫାଲ ସାହି, ଖୁଦିଶିଳା, ଘଣ୍ଟିଆଦର, ମହୁଲଡ଼ିହା ପଞ୍ଚାୟତ ଜାମୁନାଳିଆ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ପଞ୍ଚାୟତର ପତରତୋଳା ସାହି, ମହୁଲଡ଼ିହା ପଞ୍ଚାୟତ ମହୁଲଡ଼ିହା, ସାତକୋଶିଆ ପଞ୍ଚାୟତ ଅନ୍ତର୍ଗତ ସାତକୋଶିଆ ଓ ଖୁମଠାଣ ଗ୍ରାମ, ଭରାଣ୍ଡିଆ ପଞ୍ଚାୟତର ବାଉଁଶଡ଼ିହା, ଗମ୍ଭାରୀଆ, ଭରାଣ୍ଡିଆ ଆଦି ଗ୍ରାମରେ କୁଆ ପଥର ମାଡରେ ପରିବା ଓ ତରଭୁଜ ଚାଷ କ୍ଷତି ହୋଇଥିବା ସୂଚନା ମିଳିଛି। ବିଶେଷ କ୍ଷତିଗ୍ରସ୍ତ ଗ୍ରାମକୁ ଠାକୁରମୁଣ୍ଡା ତହସିଲଦାର, ବିଡିଓ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ବନବିଭାଗ, ଅଗ୍ନିଶମ ବିଭାଗ ପହଞ୍ଚି ରାସ୍ତାରେ ପଡିଥିବା ଗଛ କାଟି ରାସ୍ତା ସଫା କରିଛନ୍ତି। ଦିନ ପ୍ରାୟ ୩ଟା ସମୟରେ ଘୂର୍ଣ୍ଣିଝଡ଼ ସହ କୁଆ ପଥର ପଡିଥିଲା। କୁଆ ପଥର ମାଡରେ ଜାମୁନାଳିଆ ଗ୍ରାମର ଅନେକଙ୍କ ଆଜବେଷ୍ଟସ ଛାଉଣୀ ଘର କଣା ହୋଇଯିବା ସହ ପନିପରିବା ଚାଷ ବ୍ୟାପକ ଭାବେ କ୍ଷତି ଘଟିଛି। ସେହିପରି ପ୍ରାରମ୍ଭିକ ସୂଚନା ଅନୁଯାଇ ଜରକ ଗ୍ରାମର ବାଫାଲ ସାହିରେ ପବନ ସହ କୁଆ ପଥର ମାଡରେ ଇନ୍ଦ୍ରମଣି ଦେଓଗାମ, ଅନନ୍ତ ସିନ୍ଧୁ, ସାଇରାମ ପୂର୍ତ୍ତି, ରାଜେଶ ବଦ୍ରା, ସଂଜୀବ ପୂର୍ତ୍ତି, ବିରସିଂ ସମାଡ଼ଙ୍କ ଘର ଛାଉଣୀ ପବନରେ ଉଡ଼ିଯାଇଛି। ଜରକ ଗ୍ରାମର ହରିହର ସାଆଁ, ଲକ୍ଷ୍ମୀଧର ସାୟା, କାଉଁରୀ ସାୟା, ବିକ୍ରମ ହେମ୍ବ୍ରମ, ଜଙ୍ଗା ସାୟା, କାଇରୀ ସାୟା, ମନୋଜ ସାୟା, ଜଗା ସାୟାଙ୍କ ଘର ସମେତ ଅନେକଙ୍କ ଛାଉଣୀ ଉଡାଇ ନେଇଥିବାବେଳେ ଜରକଠାରେ ଥିବା ଲ୍ୟାମ୍ପସ ଗୃହ, ଘଣ୍ଟିଆଦର ଗ୍ରାମର ପ୍ରାଥମିକ ବିଦ୍ୟାଳୟର ଛାଉଣୀ ଉଡାଇ ନେଇଛି। ଜାମୁନାଳିଆ ଗ୍ରାମର ଜଗନ୍ନାଥ ମହାନ୍ତଙ୍କ ଆଜବେଷ୍ଟସ କଣା ହୋଇଯାଇଥିବାବେଳେ ଖୁଦିଶିଳା ଗ୍ରାମର ସଂଜୁଲତା ନାୟକଙ୍କ ଘର ଛାଉଣୀ ଉଡାଇ ନେଇଛି। ଏହି ଗ୍ରାମ ଗୁଡିକରେ ଲୋକମାନେ କରିଥିବା ଧାନ ଓ ପରିବା ଚାଷ, ତରଭୁଜ ଚାଷ କୁଆପଥର ମାଡରେ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି।

## କୁଳପତି ନିଯୁକ୍ତି ପାଇଁ ଧନ୍ୟବାଦ ଜଣାଇଲା ଏବିଭିପି

ବାରିପଦା, ୭।୪(ସମିସ): ବହୁ ପ୍ରତୀକ୍ଷାର ଅନ୍ତ ପରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମେତ ଓଡ଼ିଶାର ୧୪ଟି ରାଜ୍ୟ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଛି। ଗତ ୬ ତାରିଖରେ ପ୍ରକାଶିତ ସୂଚନା ଅନୁଯାୟୀ କୁଳାଧିପତି ଏହି ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତିଙ୍କୁ ସ୍ଥାୟୀ ରୂପେ ନିଯୁକ୍ତି ଦେଇଛନ୍ତି। ଏହି ପଦକ୍ଷେପ ଦ୍ୱାରା ରାଜ୍ୟ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି, ଭିତ୍ତିଭୂମି ବିକାଶ ଓ ଅନ୍ୟାନ୍ୟ ବନ୍ଦ ପଡ଼ିଥିବା ପ୍ରଶାସନିକ କାର୍ଯ୍ୟ ତ୍ୱରାନିତ ହେବା ସହିତ ଶିକ୍ଷା ସମାଜରେ ବିକାଶ ହେବ ବୋଲି ଶିକ୍ଷାବିତ, ବିଦ୍ୟାର୍ଥୀ ଆଶାବାଦୀ ଅଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ଧନ୍ୟବାଦ ଜ୍ଞାପନ କରୁଛି। ଏହି ନିଯୁକ୍ତି ଦ୍ୱାରା ବହୁ ଦିନରୁ ସ୍ଥାୟୀ କୁଳପତିଙ୍କ ଅନୁପସ୍ଥିତି କାରଣରୁ ପଡ଼ି ରହିଥିବା ବିଶ୍ୱବିଦ୍ୟାୟର ଅନେକ ସମସ୍ୟା ସମାଧାନ ହେବ ବୋଲି ଆଶାୟୀ ଅଛି ଏବିଭିପି। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ଓ ଅନ୍ୟ ଅଣଶିକ୍ଷଣ ପଦବୀରେ ନିଯୁକ୍ତି ତ୍ୱରାନିତ କଲେ ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାରିପଦା ନଗର ସମ୍ପାଦକ ଅନୁଷ୍କା ପ୍ରଧାନ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ କ୍ଷୀରୋଦ ପଣ୍ଡା ଓ ଜିଲ୍ଲା ସଂଯୋଜକ ପ୍ରିୟବ୍ରତ ସି କହିଛନ୍ତି।

## ୧୩ରେ ରାଇରଙ୍ଗପୁରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

ରାଇରଙ୍ଗପୁର, ୭।୪(ସମିସ): ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆସନ୍ତା ୧୩ ତାରିଖରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏ ନେଇ ସକାଳ ୭ଟାରୁ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଶୁଣାଣି ଶିବିରରେ ବାମନଘାଟୀ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ, ସିଡିପିଓ, ବାମନଘାଟୀ ଉପଖଣ୍ଡ ଅଧୀନସ୍ଥ ସମସ୍ତ ବ୍ଲକ୍‌ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ ଯୋଗଦେବେ। ଉକ୍ତ ଜନଅଭିଯୋଗ ଶୁଣାଣି ଶିବିରରେ ବାମନଘାଟି ଉପଖଣ୍ଡ ଅଧୀନସ୍ଥ ୭ଟି ବ୍ଲକ ଓ ରାଇରଙ୍ଗପୁର ପୌରପାଳିକା ଜନସାଧାରଣ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପସ୍ଥିତ ହୋଇ ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗପତ୍ର ଦାଖଲ କରିପାରିବେ ବୋଲି ସୂଚନା ଦିଆଯାଇଛି।

## ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ତେଲକୋଇ, ୭।୪(ସମିସ): ତେଲକୋଇ ବିଧାନସଭା କ୍ଷେତ୍ରର ବିଧାୟକ ଡାକ୍ତର ଫକିର ମୋହନ ନାଏକଙ୍କୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯିବା ପରେ ବିଭିନ୍ନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଜେପି ତେଲକୋଇ ବ୍ଲକ ପକ୍ଷରୁ ମଙ୍ଗଳବାର ଶ୍ରୀ ନାଏକଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ କତରାପାଲିସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରୁ ଏକ ବାଇକ୍ ରାଲି କରାଯାଇଥିଲା। ପରେ ତେଲକୋଇ ବ୍ଲକ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ନବନିର୍ମିତ ପାଠାଗାର ସଭାଗୃହରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଛଇଳବାଳା ନାୟକ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ଯଶସ୍ୱିନି ବଳ, ଜିଲ୍ଲା ଯୁବ ମୋର୍ଚ୍ଚା ପୂର୍ବତନ ସଭାପତି ହେମାରଞ୍ଜନ ବାରିକ୍, ତେଲକୋଇ ସାଂସଦଙ୍କ ପ୍ରତିନିଧି ହରିହର ପ୍ରଧାନ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ତେଲକୋଇ ମଣ୍ଡଳ ଉପସଭାପତି ସୁବାସଚନ୍ଦ୍ର ବେହେରାଙ୍କ ସମେତ ବାଂଶପାଳ ଓ ହରିଚନ୍ଦନପୁର ବ୍ଲକର ସାଂସଦ ପ୍ରତିନିଧି ଏବଂ ବିଧାୟକ ପ୍ରତିନିଧି ଯୋଗ ଦେଇଥିଲେ। ତେଲକୋଇ ଅଞ୍ଚଳର ବିଭିନ୍ନ ସଙ୍ଗଠନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଓ ବିଭିନ୍ନ ସମାଜ ପକ୍ଷରୁ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେଡି ଓ କଂଗ୍ରେସ ଦଳର ୨୧୪ ଜଣ ନୂତନ ଭାବେ ଦଳରେ ସାମିଲ ହୋଇଥିଲେ। ପୂର୍ବତନ ଜିଲ୍ଲା ଉପସଭାପତି ପ୍ରଫୁଲ୍ଲ ସାହୁ ପରିଚାଳନା କରିଥିବା ବେଳେ ମଣ୍ଡଳ ସମ୍ପାଦକ ବିକ୍ରମ କେଶରୀ ଚୌହାନ, ସକ୍ରିୟ କର୍ମୀ ପ୍ରମୋଦ ସାହୁ, କ୍ରିଷ୍ଣାପ୍ରସାଦ ସାହୁଙ୍କ ସମେତ ସକ୍ରିୟ ସଦସ୍ୟ ସହଯୋଗ କରିଥିଲେ। ତେବେ, ମଣ୍ଡଳ ସଭାପତିଙ୍କ ସମେତ କିଛି ବରିଷ୍ଠ କର୍ମକର୍ତ୍ତା ଓ କେତେକ ବରିଷ୍ଠ କର୍ମୀଙ୍କ ଦେଖା ମିଳି ନଥିଲା। ଏହାସହିତ ନୂତନ ଭାବେ ନିଯୁକ୍ତି ପାଇଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ମାନସ ନାଏକ ମଧ୍ୟ ଅନୁପସ୍ଥିତ ଥିବା ଦେଖାଯାଇଛି।

**ଅନୁପସ୍ଥିତ ରହିଲେ ଏସ୍‌ଡିଏ ଉପାଧ୍ୟକ୍ଷ, ବରିଷ୍ଠ କର୍ମକର୍ତ୍ତା**

### ବିପୁଳ ଦେଶୀ ମଦ ଓ ପୋଚ ଜବତ

## ୩ ଗିରଫ, ୨ ବାଇକ ଜବତ

ରାଇରଙ୍ଗପୁର ୭।୪(ସମିସ): ଅବକାରୀ ବିଭାଗ ବହଳଦା ଓ ତିରିଂ ଅଞ୍ଚଳରେ ଚାଲିଥିବା ଅବୈଧ ମଦ ବ୍ୟବସାୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ଓ ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ସବରଙ୍କ ନେତୃତ୍ୱରେ ଟିମ ଚଢ଼ଉ କରିଥିଲେ। ତିରିଂ ଓ ବହଳଦା ଥାନା ଅନ୍ତର୍ଗତ ଇନ୍ଦକୁଳି, ବାଡେପଟକା ଓ ଶଶ ଗ୍ରାମ ଅଞ୍ଚଳରେ ଚଢ଼ଉ କରିଥିଲେ। ଏହି ଅଭିଯାନ ସମୟରେ ପୁଲିସ ଓ ଅବକାରୀ ଦଳ ୨୦୨ ଲିଟର ଦେଶୀ ରନ୍ଧା ମଦ, ୭.୫୦୦ ଲିଟର ଏନଡିପି ମଦ (ଝାଡ଼ଖଣ୍ଡ) ଓ ୨୨୫୦ ଲିଟର ମହୁଲ ପୋଚ ଜବତ କରିଛନ୍ତି। ଉକ୍ତ ଅବୈଧ ମଦ ବ୍ୟବସାୟରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ୨ଟି ବାଇକ ମଧ୍ୟ ଜବତ କରାଯାଇଛି। ଅବକାରୀ ବିଭାଗ ସୂଚନା ଅନୁଯାୟୀ ଜବତ ହୋଇଥିବା ଦେଶୀ ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ସହ ଉପ-ନିରୀକ୍ଷକ ସୁଶାନ୍ତ କୁମାର ନାୟକ, କନେଷ୍ଟବଳ ସୁରେନ୍ଦ୍ର ସୋରେନ, ରାଜେନ୍ଦ୍ର ସେନାପତି, ଲଲାଟେନ୍ଦୁ ଶତପଥୀ ଓ ଫୁଲମଣି ହାଁସଦା ସମେତ ଅନ୍ୟାନ୍ୟ କର୍ମଚାରୀ ସକ୍ରିୟ ଭାବେ ଭାଗ ନେଇଥିଲେ। ଏହି ଘଟଣା ସମ୍ପର୍କରେ ବହଳଦା ଅବକାରୀ ଥାନାରେ ମୋଟ ୬ଟି ମାମଲା ରୁଜୁ କରାଯାଇଛି।

## ବୁଢ଼ାନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ, କୌଶଲ୍ୟା ଉପାଧ୍ୟକ୍ଷା





ବାରିପଦା, ୭।୪ (ସମିସ): ମୟୂରଭଞ୍ଜ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ ପୂର୍ବତନ ବିଜେପି ବିଧାୟକ ଡା ବୁଢ଼ାନ ମୁର୍ମୁ ଓ ଉପାଧ୍ୟକ୍ଷା ଭାବେ ବିଜେପି ନେତ୍ରୀ କୌଶଲ୍ୟା ନାଏକଙ୍କ ନାମ ଘୋଷଣା କରାଯାଇଛି। ଉଭୟେ ଜିଲ୍ଲାର ବିକାଶ ପାଇଁ ଅଧିକ କାର୍ଯ୍ୟ କରିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକଟ କରିଛନ୍ତି। ନବନିଯୁକ୍ତ ଅଧ୍ୟକ୍ଷ ଡା ମୁର୍ମୁ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ସାରସକଣା ସଂରକ୍ଷିତ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଥିଲେ। ସେ ବିଜେପି ଜାତୀୟ କାର୍ଯ୍ୟକାରିଣୀ ପରିଷଦର ସଦସ୍ୟ ମଧ୍ୟ ରହିଛନ୍ତି। ଡା ମୁର୍ମୁ ୧୯୯୨ରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ଡାକ୍ତରୀ ଶିକ୍ଷାଲାଭ କରିବା ପରଠାରୁ ଦୀର୍ଘ ୨୭ ବର୍ଷ ଧରି ମୟୂରଭଞ୍ଜର ବିଭିନ୍ନ ଅଞ୍ଚଳରେ ସରକାରୀ ଡାକ୍ତର ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହେବା ସକାଶେ ସେ ୨୦୧୯ରେ ଡାକ୍ତର ପଦରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଥିଲେ। ଏବେ ଡା ମୁର୍ମୁ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପାଇଁ ଗୋପୀବଲ୍ଲଭପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପିର ପ୍ରଭାରୀ ଭାବେ ଦାୟିତ୍ୱରେ ରହିଛନ୍ତି। ମଙ୍ଗଳବାର ବାରିପଦାରେ ପହଞ୍ଚି ଆଇଟିଡିଏ ପିଏଙ୍କ ପାଖରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ନବନିଯୁକ୍ତ ଉପାଧ୍ୟକ୍ଷା ଶ୍ରୀମତୀ ନାଏକ ୨୦୧୦ରୁ ମୟୂରଭଞ୍ଜ ଜିଲ୍ଲା ବିଜେପିରେ ସକ୍ରିୟ ଭାବେ ତୃଣମୂଳ ସ୍ତରରୁ ବିଭିନ୍ନ ମହିଳା ସଂଗଠନର ଦାୟିତ୍ୱ ତୁଲାଇ ଆସୁଛନ୍ତି। ସେ ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ଜିଲ୍ଲା ମହିଳା ବିଜେପି ମୋର୍ଚ୍ଚାର ସଭାନେତ୍ରୀ ଥିଲେ। ୨୦୧୯ରୁ ୨୦୨୬ ପର୍ଯ୍ୟନ୍ତ ରାଜ୍ୟ ମହିଳା ବିଜେପି ମୋର୍ଚ୍ଚାର ରାଜ୍ୟ ସମ୍ପାଦିକା ଥିଲେ। ବିଜେଡି ସରକାରଙ୍କ ଅମଳରେ ଡା ଦେବାଶିଷ ମାରାଣ୍ଡି ୨୦୧୭ ଅକ୍ଟୋବରରୁ ୨୦୧୯ ମାର୍ଚ୍ଚ, ୨୦୨୨ ଅକ୍ଟୋବରରୁ ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ଦୁଇଥର ମୟୂରଭଞ୍ଜ ଜିଲ୍ଲା ଉନ୍ନୟନ ପରିଷଦର ଅଧ୍ୟକ୍ଷ ଥିଲେ। ତତ୍ ସହିତ ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ଭାବେ ପ୍ରଥମେ କରଞ୍ଜିଆର ବାସନ୍ତୀ ହେମ୍ବ୍ରମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଯଶିପୁରର କମଳା ତିରିଆ ରହିଥିଲେ।

## ମଦ ନ ଦେବାରୁ ଖଣ୍ଡାରେ ଆକ୍ରମଣ; ଯୁବକ ଗୁରୁତର

ବୈଶିଙ୍ଗା, ୭।୪(ସମିସ): ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା-ମାଣତ୍ରୀ ରାସ୍ତାର ନାଖରା ପୋଲ ନିକଟରେ ଥିବା ଏକ ତେଜରାତି ଦୋକାନୀକୁ ଖଣ୍ଡାରେ ମରଣାନ୍ତକ କରି ଚମ୍ପଟ ମାରିଲେ ଦୁର୍ବୃତ୍ତ। ଆକ୍ରମଣରେ ଗୁରୁତର ଯୁବକ ନାଖରା ଗ୍ରାମର ଯୋଗେଶ୍ୱର ଖଣ୍ଡାଙ୍କ ପୁଅ ସରୋଜ ଖଣ୍ଡା (୩୯)। ପୂର୍ବରୁ ବୈଶିଙ୍ଗା-ମାଣତ୍ରୀ ରାସ୍ତାର ନାଖରା ପୋଲ ନିକଟରେ ସରୋଜଙ୍କ ଏକ ଢ଼ାବା ଥିଲା। ତେବେ କିଛି ଦିନ ପୂର୍ବରୁ ସେ ଢ଼ାବା ବନ୍ଦ କରି ସେହି ଘରେ ଏକ ତେଜରାତି ଦୋକାନ ଖୋଲି ନିଜ ପରିବାର ସହିତ ସେଠାରେ ରହି ଦୋକାନ ଚଳାଇ ଆସୁଛନ୍ତି। ସପ୍ତାହେ ପୂର୍ବରୁ ବାଲେଶ୍ୱର ଅଞ୍ଚଳର କିଛି ଯୁବକ ଆସି ତାଙ୍କୁ ମଦ ମାଗିଥିଲେ। ସେ ଢାବା ବନ୍ଦ କରିଦେଇଛି ଓ ମଦ ଦେଇ ପାରିବନି ବୋଲି ନିଜର ଅକ୍ଷମତା ପ୍ରକାଶ କରିଥିଲେ। ଏଥିପାଇଁ ବଚସା ହୋଇଥିଲା ଓ ଉକ୍ତ ଯୁବକମାନେ ସରୋଜଙ୍କୁ ହାଣିବେ ବୋଲି ଧମକ ଦେଇ ଫେରିଯାଇଥିଲେ। ତେବେ ଆଜି ସନ୍ଧ୍ୟାରେ ୨ଟି ବାଇକରେ ୪ରୁ ୫ ଯୁବକ ଆସି ତାଙ୍କ ଢ଼ାବା ନିକଟରେ ବାଇକରୁ ଓହ୍ଲାଇ କିଛି ବୁଝିବା ପୂର୍ବରୁ ସରୋଜଙ୍କ ବେକକୁ ଲକ୍ଷ୍ୟ କରି ଏକ ଖଣ୍ଡାରେ ଆକ୍ରମଣ କରିଥିଲେ। ସରୋଜ ନିଜକୁ ବଞ୍ଚାଇବାକୁ ଯାଇ ହାତ ଦେଖାଇଦେବାରୁ ଖଣ୍ଡା ଚୋଟ ତାଙ୍କ ହାତରେ ବସିଥିଲା। ଗଭୀର କ୍ଷତ ସୃଷ୍ଟି ହେବା ସହିତ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଆକ୍ରମଣ ପରେ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକ ସରୋଜଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଖବର ପାଇ ବୈଶିଙ୍ଗା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

# ହାଇସ୍କୁଲ ହୀରକ ଜୟନ୍ତୀରେ ହେବେ ସାମିଲ

ବାଲିବନ୍ଧ, ୭।୪(ସମିସ):

ଆସନ୍ତା ଏପ୍ରିଲ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେନ୍ଦୁଝର ଗସ୍ତ ରହିଛି। ଶ୍ରୀ ମାଝୀ ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ମହୋତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।





## ସ୍ଥିତି ସମୀକ୍ଷାକଲେ ଜିଲ୍ଲାପାଳ

ନିଜେ ପାଠପଢିଥିବା ବିଦ୍ୟାଳୟରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଫଳରେ ବିଦ୍ୟାଳୟ ତଥା ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି। ଏଥିପାଇଁ ବିଦ୍ୟାଳୟ ତଥା ହୀରକ ଜୟନ୍ତୀ ପରିଚାଳନା କମିଟି ପକ୍ଷରୁ ମଧ୍ୟ ଜୋରଦାର ପ୍ରସ୍ତୁତି ଜାରି ରହିଛି। ସୋମବାର ଜିଲ୍ଲାପାଳ ବିଶାଳ ସିଂ କାର୍ଯ୍ୟକ୍ରମସ୍ଥଳୀ ପରିଦର୍ଶନ କରି ସମୀକ୍ଷା କରିଥିବାବେଳେ ହେଲିପାଡ୍ ନିମନ୍ତେ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିଛନ୍ତି। ଆସନ୍ତା ୧୩ ତାରିଖ ଅପରାହ୍ନ ୪ଟା ସମୟରେ ଝୁମ୍ପୁରା ଅଞ୍ଚଳର ଐତିହ୍ୟ ସମ୍ପନ୍ନ ଶିକ୍ଷାନୁଷ୍ଠାନ ସରକାରୀ ଉଚ୍ଚବିଦ୍ୟାଳୟ ମହାଆଡମ୍ବରରେ ତା'ର ହୀରକ ଜୟନ୍ତୀ ମହୋତ୍ସବ ପାଳନ କରିବାକୁ ଯାଉଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ସକାଳୁ ସ୍ଥାନୀୟ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରାଯିବାର ସ୍ଥିର ହୋଇଛି। ଏହାପରେ ମିନି ମାରାଥନ, ଉଦଘାଟନ, ଆଲୁମନୀ ମିଟ, ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ହୀରକ ଜୟନ୍ତୀ ମହୋତ୍ସବ ସମାରୋହ ସ୍ଥିର ହୋଇଛି। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହାବ୍ୟତୀତ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ତେଲକୋଇ ବିଧାୟକ ଡ. ଫକିର ମୋହନ ନାୟକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, କେନ୍ଦୁଝର ପୌରପାଳିକା ଅଧ୍ୟକ୍ଷ ନିକୁ ସାହୁ, ଡ. ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

ଜିଲ୍ଲାପାଳ ଶ୍ରୀ ସିଂ ହାଇସ୍କୁଲ ଯାଇ ସଭାସ୍ଥଳୀ ଏବଂ ଅନ୍ୟାନ୍ୟ ବିଷୟରେ ସମୀକ୍ଷା କରିଥିବାବେଳେ ଦୁର୍ଗାପଡ଼ିଆ, ଅର୍ଶଳା କଲେଜ ପଡ଼ିଆ ଆଦି ସ୍ଥାନ ପ୍ରସ୍ତାବିତ ହେଲିପାଡ ପାଇଁ ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳଙ୍କ ସହିତ ଜିଲ୍ଲାପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ସ୍ଥାନୀୟ ବିଡ଼ିଓ ହୃଦାନନ୍ଦ ଅଢାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ହୀରକ ଜୟନ୍ତୀ ମହୋତ୍ସବ କମିଟିର କାର୍ଯ୍ୟକର୍ତ୍ତାଗଣ ଉପସ୍ଥିତ ଥିଲେ।

**ଆନନ୍ଦପୁର:** କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁ ପିଏମଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟର ଆସନ୍ତା ଏପ୍ରିଲ ୧୨ ତାରିଖରେ ପ୍ଲାଟିନମ ଜୁବିଲି ଅନୁଷ୍ଠିତ ହେବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ମଙ୍ଗଳବାର ସ୍ଥିତି ପରଖିଛନ୍ତି କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଘସିପୁରା ବିଡ଼ିଓ ବିନୀତା ବିଜୟିନୀ, ଘସିପୁରା ତହସିଲଦାର ଅଭୟ ସ୍ୱାଇଁ, ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ ବିଦ୍ୟାଳୟ ପରିସରକୁ ପରିଦର୍ଶନ କରି ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ସମୟରେ ବିଦ୍ୟାଳୟ ପରିଚାଳନା କମିଟି ଓ ଉପଦେଷ୍ଟାମଣ୍ଡଳୀର ସଦସ୍ୟ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କ ଆତ୍ମହତ୍ୟା

ବାଲିଆପାଳ, ୭।୪ (ସମିସ): ବାଲିଆପାଳ ବ୍ଲକ ଟଗରା ଗଦାଧର ସ୍ମୃତି ଉଚ୍ଚ ବିଦ୍ୟାପୀଠର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଦେବତୋଷ କୁମାର ଦତ୍ତ ସମୋବାର ମଧ୍ୟରାତ୍ରରେ ବଡାଶ ପଞ୍ଚାୟତର ମାଣିକ ସିମୁଳିଆ ସ୍ଥିତ ନିଜ ଘର ବାଡ଼ିରେ ଥିବା ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପରିବାର ଲୋକେ ଗ୍ରାମବାସୀ ଏବଂ ଶିକ୍ଷକ ସଂଘ ସ୍ୱର୍ଗତ ପ୍ରଧାନ ଶିକ୍ଷକ ମାନସିକ ଚାପରେ ଏମିତି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ଅଭିଯୋଗ କହିଛନ୍ତି। ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି କରିବା ସହିତ ପୋଷ୍ଟମର୍ଟମ ପାଇଁ ପଠାଇଛି।

# ୮୧୫ ପଞ୍ଜୀକୃତ ଚାଷୀ ଧାନବିକ୍ରିରୁ ବଞ୍ଚିତ

ନୀଳଗିରି, ୭।୪ (ସମିସ)

ରାଜ୍ୟ ସରକାର ମାର୍ଚ୍ଚ ୩୧ତାରିଖ ଖରିଫ ଋତୁରେ ଅମଳ ହୋଇଥିବା ଧାନବିକ୍ରି ପାଇଁ ଶେଷ ଅବଧି ରଖିଥିଲେ। ଇତିମଧ୍ୟରେ ଅବଧି ଶେଷ ହୋଇସାରିଥିଲେ ମଧ୍ୟ ନୀଳଗିରି ଲ୍ୟାମ୍ପ ଅଧୀନରେ ଥିବା ୯ଟି ଧାନମଣ୍ଡିରେ ୮୧୫ଜଣ ପଞ୍ଜୀକୃତଚାଷୀ ସେମାନଙ୍କର କଷ୍ଟଅର୍ଜିତ ଧାନକୁ ସରକାରୀ ଦରରେ ବିକ୍ରିକରିବାରୁ ବଂଚିତ ହୋଇଛନ୍ତି। ସେମାନଙ୍କ ଧାନ କେବେ ଉଠିବ ସେ ନେଇ ଆଶାଆଶଙ୍କାରେ ଚାଷୀ। ଏ ନେଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଏହି ଏକ ତଥ୍ୟ ସମ୍ବଳିତ ରିପୋର୍ଟ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ସମବାୟ ସମିତି ଅଧିନରେ ଥିବା ଧାନକ୍ରୟ କେନ୍ଦ୍ର ଯଥା ପୁନ୍ଦାଳରେ ୧୦ଜଣ ଚାଷୀଙ୍କର ୩୩୫.୨୯ କ୍ୱିଣ୍ଟାଲ, କାଂଶ ଅଧୀନରେ ୧୭ଜଣ ଚାଷୀଙ୍କ ୭୩୧.୮୯କ୍ୱିଣ୍ଟାଲ, ମିତ୍ରପୁରରେ ୩୨୨ଜଙ୍କର ୧୦.୦୩୦ କ୍ୱିଣ୍ଟାଲ, ଅଯୋଧ୍ୟା ଅନ୍ତର୍ଗତ ୫୧ଜଣ ଚାଷୀଙ୍କ ୧୬୪୭.୮୯ କ୍ୱିଣ୍ଟାଲ, ଅମ୍ବିକାପୁର ଅଧୀନରେ ୬୯ଜଣ ଚାଷୀଙ୍କ ୧୯୬୨.୭୮ କ୍ୱିଣ୍ଟାଲ, ସିଆଡିମାଳରେ ୬୪ଜଣ ଚାଷୀଙ୍କ ୧୯୧୮.୩୮କ୍ୱିଣ୍ଟାଲ, ସଜନାଗଡ ଅଧୀନରେ ୨୨୯ଜଣ ଚାଷୀଙ୍କର ୬୫୯୬.୬୧କ୍ୱିଣ୍ଟାଲ, ମହିଷାପଟା ଅଧୀନସ୍ଥ ୧୪ଚାଷୀଙ୍କ ୫୧୭.୦୭ କ୍ୱିଣ୍ଟାଲ ଏବଂ ଭଉଁରିଆବାଡ ଅନ୍ତର୍ଗତ ୩୯ଜଣ ଚାଷୀଙ୍କର ୧୫୮୦ କ୍ୱିଣ୍ଟାଲ ପାଖାପାଖି ୨୫୩୨ଟନ୍ ଧାନ ମହଜୁଦ ରହିଥିବା ସୂଚନା ଦେଇଛନ୍ତି। ତେବେ ମିଲର ଏବଂ ପରିବହନ ସଂସ୍ଥାପାଇଁ ଏଭଳି ସମସ୍ୟା ଉପୁଜୁଥିବା ବିଭାଗୀୟ ଅଧିକାରୀ ସୂଚନା ଦେଉଥିବାବେଳେ ପ୍ରଶାସନ ପକ୍ଷରୁ ଉଭୟସଂସ୍ଥାରେ ସମନ୍ୱୟ ରକ୍ଷାକରି ପଦକ୍ଷେପ ନେବାକୁ ଉପଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି। ମହଜୁଦ ରହିଥିବା ଧାନ କେବେ ଉଠିବ ଏବଂ କେବେ ଚାଷୀମାନଙ୍କର ଆଶଙ୍କା ଦୂରହେବ, ତାହାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ପଦକ୍ଷେପ ନେବାକୁ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାର ନକଲ ମଧ୍ୟ ବାଲେଶ୍ୱର ଜିଲ୍ଲାପାଳ, ଚିଫ୍ ସିସିଓ , ଡିଆରସିଏସ ବାଲେଶ୍ୱରଙ୍କ ଅବଗତ ନିମନ୍ତେ ଜଣାଇଥିବା ସୂଚନା ରହିଛି।

## ନାବାଳିକାକୁ ଦୁଷ୍କର୍ମ, ୨ କୋର୍ଟ ଚାଲାଣ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୭।୪ (ସମିସ) : ରାଇବଣିଆ ଥାନା ଅଞ୍ଚଳରେ ଏକ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଗହିରାବନ୍ଧ ଗାଁର ହପନ ମୁର୍ମୁ (୨୨), ପଚ ମାରାଣ୍ଡି (୨୫)କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୋମବାର ଦିନ ପୀଡ଼ିତାଜଣକ ରାଇବଣିଆ ଥାନାରେ ନ୍ୟାୟଭିକ୍ଷା କରି ଅଭିଯୋଗ କରିଥିଲେ। ଆଜି ରାଇବଣିଆ ପୁଲିସ୍ ୫୫/୨୬ ମୂଳେ କେସ୍ ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଦେବାଳୟ ଓ ଐତିହ୍ୟ ସ୍ଥଳୀର ସ୍ୱଚ୍ଛତା କାର୍ଯ୍ୟକ୍ରମ

ବାଲିଆପାଳ, ୭।୪ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଦେବାଳୟ ଓ ଐତିହ୍ୟ ସ୍ଥଳୀରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଧୁପୁରା ପଞ୍ଚାୟତ ଅଧୀନରେ ଥିବା ଖଗଡାପାଳ ସ୍ଥିତ ଶ୍ରଦ୍ଧାକ୍ଷେତ୍ର ପରିସରରେ ବିଡିଓ ରାଧା ରଞ୍ଜନ ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସୋମବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଧୁପୁରା ସରପଞ୍ଚ ଗୀତା ରାଣୀ ମାହାନା , ଖାଦ୍ୟ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା, ଜିପିଡିଓ ପ୍ରୀୟବ୍ରତ ଗିରି, ବିପିଏମ ଉତ୍ତମ ସାହୁ,ସମାଜସେବୀ ଲମ୍ବୋଦର ମାହାନା ଏବଂ ପଞ୍ଚାୟତ ରେ ଥିବା ସିଆରପି ମାନେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ବିଦ୍ୟାଳୟ ମଧ୍ୟାହ୍ନଭୋଜନ ହରିଲୁଟ୍ ଅଭିଯୋଗ

ଜଳେଶ୍ୱର ବ୍ଲକ, ୭।୪ (ସମିସ) : ଜଳେଶ୍ୱର ବ୍ଲକ କବି ଦୀନକୃଷ୍ଣ ସରକାରୀ ଉପ୍ରା ବିଦ୍ୟାଳୟ ମୁଣ୍ଡୁଡିଆରେ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ମଧ୍ୟାହ୍ନ ଭୋଜନ ହରିଲୁଟ୍ ଅଭିଯୋଗ ଆସିଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସତୀଶ କୁମାର ସାହୁ, ଉପ ସଭାପତି ମୁନି ମାରାଣ୍ଡି, ସପନ ମିଶ୍ର, ଅରବିନ୍ଦ ପ୍ରଧାନ, କମଳ ଲୋଚନ ପ୍ରଧାନ, ରତନ ଘଡ଼ାଇ, ରବିନ୍ଦ୍ର ଘୋଷ, ଲକ୍ଷ୍ମୀକାନ୍ତ ପ୍ରଧାନ, ସପନ କୁମାର ଘୋଷ, ନିତ୍ୟାନନ୍ଦ ଘୋଷ, ତପନ କୁମାର ଘୋଷ, ରମେଶ ଚନ୍ଦ୍ର ପ୍ରଧାନ ଅଭିଜିତ୍ ଘୋଷ, କବିତା ଦଣ୍ଡପାଟ, ସିଲା ଘୋଷ ପ୍ରମୁଖ ଜଳେଶ୍ୱର ବିଇଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବିଇଓ କାର୍ଯ୍ୟାଳୟରୁ କୌଣସି ପଦାଧିକାରୀ କିମ୍ବା ସିଆରସିସି ସ୍କୁଲରେ ପହଞ୍ଚି ନାହାଁନ୍ତି। ଏ ନେଇ ଆଜି ସକାଳେ ଶହ ଶହ ଅଭିଭାବକ ପ୍ରଧାନ ଶିକ୍ଷକ ସନ୍ଦୀପ କୁମାର ପ୍ରଧାନ ଓ ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ଘୋଷଙ୍କୁ ତୁରନ୍ତ ବଦଳି ସହିତ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଅର୍ଥର ହେରଫେର ସମ୍ପର୍କରେ ଏକ ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି। ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

## ପୂଜ୍ୟପୂଜା ସଂସଦ ପକ୍ଷରୁ ଚନ୍ଦ୍ରମୋହନ ମହାରଣାଙ୍କ ଜୟନ୍ତୀ

ବାଲେଶ୍ୱର,୭ ।୪(ସମିସ): ରେମୁଣା ପୂଜ୍ୟପଜା ସଂସଦ ଆନୁକୂଲ୍ୟରେ ଗୌରୀଶଙ୍କର ମଣ୍ଡପ ଠାରେ ଡ. ନରୋତ୍ତମ ପରିଡାଙ୍କ ସଭାପତିତ୍ୱରେ ସୁ ସାହିତ୍ୟିକ ତଥା କବି ଚନ୍ଦ୍ରମୋହନ ମହାରଣାଙ୍କ ୧୫୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ବିଧାନଚନ୍ଦ୍ର ରାୟ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ପିଲାଙ୍କ ଚନ୍ଦ୍ରମୋହନ ପୁସ୍ତକର ରଚୟିତା କବୟିତ୍ରୀ ମୁକ୍ତିଲତା ଆଇଚ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମଜସେବୀ ଚକ୍ରଧର ଦାସ, ସମ୍ପାଦକ ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳ ପ୍ରମୁଖ ଯୋଗଦେଇ ଚନ୍ଦ୍ରାମୋହନଙ୍କ ସାହିତ୍ୟ ସାଧନା ସହ ତାଙ୍କ ଗୁଣାବଳି ସମ୍ପର୍କରେ ଆଲୋକପାତ କରିଥିଲେ। କବି ଗୌରାଙ୍ଗ ପଡ଼ିଆରୀ ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷକ କୃଷ୍ଣମୋହନ ମହାରଣା, କବୟିତ୍ରୀ ବାସନ୍ତୀ ସାହୁ, ସୁନାମଣି ଜେନା, ସୟତନ ବିବି,କବି ରମେଶ ମହାରଣା ପ୍ରମୁଖ ଚନ୍ଦ୍ରମୋହନଙ୍କ ଉପରେ କବିତା ପାଠ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାମନାରାୟଣ ବେହେରା, ପ୍ରକାଶ ଚନ୍ଦ୍ର ମହାରଣା, ସତ୍ୟାନନ୍ଦ ପଟ୍ଟନାୟକ, ରବି ନାରାୟଣ ବେହେରା,ଗୀତାଶ୍ରୀ ମହାରଣା, ସନ୍ତୋଷ ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, ଗିରିଶ ଷଡଙ୍ଗୀ, ମୁକ୍ତେଶ୍ୱର ସେଠୀ, ସୁରେନ୍ଦ୍ର ମହାନ୍ତି, ବ୍ରହ୍ମାନନ୍ଦ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଛପନ ମାଦଳ ମହୋତ୍ସବ ଉଦ୍ଯାପିତ

ବାଲେଶ୍ୱର,୭ ।୪(ସମିସ): ରେମୁଣା ଏନଏସି ଅଧିନ ୧୩ନମ୍ବର ୱାର୍ଡ ସୋମନାଥପୁର ଅଂଚଳରେ ତିନି ଦିନ ଧରି ଚାଲିଥିବା ଛପନ ମାଦଳ ମହୋତ୍ସବ ଉଦଯାପିତ ହୋଇଯାଇଛି। ଏହି ମହୋତ୍ସବରେ ଶ୍ରୀ ଜଗନ୍ନାଥଙ୍କ ୩୨ବେଶ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସକାଳ ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ନାମ ସଙ୍କୀର୍ତନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର ଜିଲ୍ଲା ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିବା ବେଳେ ଏକ ଭାଇଚାରା ସୃଷ୍ଟି କରିଥିଲା। ତିନି ଦିନ ଧରି ନାମ ସଙ୍କୀର୍ତ୍ତନ, ମୃଦଙ୍ଗ ବାଦ୍ୟ, ନୃତ୍ୟ ପରିବେଷଣ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବନ୍ଧୁକ ଦେଖାଇ ଟ୍ରକ ଚାଳକଙ୍କଠାରୁ ଲୁଟ୍

ବାଲେଶ୍ୱର, ୭ ।୪(ସମିସ): ସହଦେବଖୁଂଟା ଥାନା ଅର୍ନ୍ତଗତ ନହରପାଟଣା ଗୋଲେଇ ଠାରେ ଗତକାଲି ବିଳମ୍ବିତ ରାତିରେ ଏକ ଲୁଟ ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଜଣେ ଟ୍ରକ ଚାଳକଙ୍କ ଠାରୁ ଟଙ୍କା ଲୁଟ କରିଥିବା ଜଣାଯାଇଛି। ହେଲେ ଏନେଇ ସହଦେବଖୁଂଟା ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାଯାଇଛି। ଗତକାଲି ବିଳମ୍ବିତ ରାତିରେ ଏକ ଟ୍ରକ ନହରପାଟଣା ଗୋଲେଇ ଦେଇ ଯାଉଥିବା ବେଳେ ଏକ ଗାଡିରେ କିଛି ଦୁର୍ବୃତ ଆସି ଟ୍ରକଟିକୁ ଅଟକାଇ ଥିଲେ। ଟ୍ରକ ଚାଳକ ଜଣଙ୍କ କିଛି ବୁଝିବା ପୂର୍ବରୁ ଦୁର୍ବୃତମାନେ ତାଙ୍କୁ ବନ୍ଧୁକ ଦେଖାଇ ତାଙ୍କ ଠାରୁ ଟଙ୍କା ଲୁଟ କରି ଫେରାର ହୋଇଯାଇଥିବା ଜଣାଯାଇଛି। ଏନେଇ ସହଦେବଖୁଂଟା ଥାନା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ଜେସିବି ଓ ଟ୍ରାକ୍ଟର ଜବତ

ସୋର, ୭।୪ (ସମିସ): ସୋର ତହସିଲ ପକ୍ଷରୁ ଟେଣ୍ଟେଇ ଗ୍ରାମରେ ଚଢ଼ାଉ କରାଯାଇ ବେଆଇନ ମାଟି ଉତ୍ତୋଳନରେ ଲାଗିଥିବା ଗୋଟିଏ ଜେସିବି ଓ ଟ୍ରାକ୍ଟର ଜବତ କରାଯାଇଥିବା ଜଣାପଡିଛି। ଅନନ୍ତପୁର ଥାନା ଟେଣ୍ଟେଇ ଠାରେ ବେଆଇନ ମାଟି ଉତ୍ତୋଳନ ହେଉଥିବା ଖବର ପାଇ ସୋର ତହସିଲଦାର ଚିନ୍ମୟ ରାଉତ ଓ ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ପୁଲିସ ସହଯୋଗରେ ଚଢ଼ଉ କରିଥିଲେ। ଏହି ସମୟରେ ଏଥିରେ ସଂମ୍ପୃକ୍ତ ଥିବା ୫ରୁ ଅଧିକ ଟ୍ରାକ୍ଟର ଫେରାର ହୋଇଯାଇଥିବା ବେଳେ ଗୋଟିଏ ଟ୍ରାକ୍ଟର ଜବତ କରିଥିଲେ। ଏହି ସମୟରେ ଏକ ଜେସିବିକୁ ତେଣ୍ଟେଇରୁ ଗୋଡାଇ ଗୋଡାଇ ବିଲ ମଧ୍ୟରୁ ଜବତ କରିଥିଲେ।

● ବାଲେଶ୍ୱରରେ କାଳବୈଶାଖୀର ତାଣ୍ଡବ

## ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ କୁଆପଥର ବର୍ଷା

ବାଲେଶ୍ୱର, ୭।୪ (ସମିସ): ଆଜି ଅପରାହ୍ନରେ ହଠାତ୍ ପାଗ ପରିବର୍ତ୍ତନ ହେବା ସହ ପ୍ରବଳ ବେଗରେ ପବନ, ଘଡ଼ଘଡ଼ି ଓ ବିଜୁଳି ସହ ବର୍ଷା ହୋଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ କୁଆପଥର ବର୍ଷା ହୋଇଥିବା ସୂଚନା ମିଳିଛି। ଅପରାହ୍ନ ପ୍ରାୟ ୨ଟା ୩୦ମିନିଟ ସମୟ ବେଳକୁ ଆକାଶ ହଠାତ୍ କଳାହାଣ୍ଡିଆ ମେଘରେ ଢାଙ୍କି ହୋଇଯାଇଥିଲା। ଦିନ ବେଳେ ରାତିର ଭ୍ରମ ସୃଷ୍ଟି ହୋଇଥିବା ବେଳେ ପ୍ରବଳ ଗର୍ଜନ ସହ ବର୍ଷା ଆରମ୍ଭ ହୋଇଥିଲା।



ବାଲେଶ୍ୱର ସହର ସମେତ ରେମୁଣା, ନୀଳଗିରି, ଜଳେଶ୍ୱର, ହଳଦୀପଦା ଓ ବାହାନଗା ଭଳି ଅଞ୍ଚଳରେ ପବନର ବେଗ ଅଧିକ ରହିଥିଲା। ବର୍ଷା ସାଙ୍ଗକୁ କୁଆପଥର ବୃଷ୍ଟି ହୋଇଛି। ଅଳ୍ପ ସମୟର ପ୍ରବଳ ବର୍ଷାରେ ସମ୍ପୂର୍ଣ୍ଣ ଗଳି ଏବେ ଜଳମଗ୍ନ। କଂଗ୍ରେସ ଗଳିର ବେହାଲ ପୌର ପ୍ରଶାସନର ଡ୍ରେନେଜ୍ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାଣିପାଗ ବିଭାଗ ପକ୍ଷରୁ ଆଗାମୀ ୨୪ ଘଣ୍ଟା ପାଇଁ ସତର୍କ ସୂଚନା ଜାରି କରାଯାଇଛି।

## ନିଷ୍ଟ ନର୍ସିଂ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ




ବାଲେଶ୍ୱର, ୭।୪ (ସମିସ): ଚାନ୍ଦିପୁର ରୋଡ ସ୍ଥିତ ହିଡ଼ିଗାଁରେ ଅବସ୍ଥିତ ନିଷ୍ଟ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ବି ଏ ସି ନର୍ସି ଓ ଜିଏନଏମ କଲେଜ ଦ୍ୱାରା ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଥିଲା। ଏଥିରେ ଭାରପ୍ରାପ୍ତ ଅଧକ୍ଷା ପ୍ରାଚୀ ପ୍ରଭା ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପଖଣ୍ଡ ଅଗ୍ନିଶମ ଅଧିକାରୀ ସରୋଜ କୁମାର ବେହେରା, ମୁଖ୍ୟବକ୍ତା ଶୋଭାରାମପୁର ହସ୍ପିଟାଲର ମେଡିକାଲ ଅଫିସର ବରିଷ୍ଠ ଡାକ୍ତର ଡକ୍ଟର ପଙ୍କଜ କୁମାର ଦାସ ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ କେମିତି ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଅଗ୍ନିଶମ ଅଧିକାରୀ ସମୀର ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ। ସଭା କାର୍ଯ୍ୟ ଆରମ୍ଭରୁ ଛାତ୍ରୀ ଇତିଶ୍ରୀ ଦାସ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଛାତ୍ରୀ ସ୍ୱାଗତିକା, ଦେବସ୍ମିତା, କ୍ରିଷ୍ଣା, ଅର୍ଚ୍ଚନା, ସେମାନଙ୍କ ବକ୍ତୃତା ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନା କରିଥିଲେ। ସମ୍ମାନିତ ବକ୍ତା ଭାବେ +୨ ନିଷ୍ଟ ବିଦ୍ୟାଳୟ ଅଧକ୍ଷ ହରିହର ରାଉତ, ଅଗ୍ନି ଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ତଥା ନୈତିକ ଶିକ୍ଷାରେ ବିଶ୍ୱ ରେକର୍ଡ କରିଥିବା ଅଧ୍ୟାପକ ଡ଼କ୍ଟର ପଙ୍କଜ କୁମାର ଜେନା, ଅଧ୍ୟାପକ ବିଦ୍ୟାଧର ପ୍ରଧାନ, ଅଧ୍ୟାପକ ନିରଞ୍ଜନ ଜେନା, ଅଧ୍ୟାପକ ଚନ୍ଦନ କୁମାର ନାୟକ, ସମାଜ ସେବି କେଶବ ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସସ୍ମିତା ଚାନ୍ଦ, ଲିପ୍ସିତା ନାୟକ, ସୌମ୍ୟ ଜ୍ୟୋତି ନାୟକ, ପୂର୍ଣ୍ଣିମା ମହାପାତ୍ର, ଦେବସ୍ମିତା ପ୍ରଧାନ ପିଲାଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ।

## ବେଲପାଳ ବାଲି ଖାଦାନରେ ତଦନ୍ତକଲେ ଖଣି ନିର୍ଦ୍ଦେଶକ



ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୭।୪ (ସମିସ) : ସେକସରାଇ ଗାଁର ବେଲପାଳ ଠାରେ ନଦୀବନ୍ଧକୁ କାଟି ପ୍ରାୟ ୧୦୦ କୋଟି ଟଙ୍କାର ବାଲି ମାଫିଆମାନେ ଲୁଟିନେଇଥିବାରୁ ବିଭିନ୍ନ ସମୟରେ ଗଣମାଧ୍ୟମର ସିରୋନାମା ପାଲଟିଥିଲା। ଖଣିବିଭାଗ, ରାଜସ୍ୱ ବିଭାଗ ଓ ପୁଲିସ୍ ପ୍ରଶାସନ ପକ୍ଷରୁ ଚଢାଉ କରାଯାଉଥିଲେ ମଧ୍ୟ ମାଫିଆମାନଙ୍କୁ କୌଣସି ଫରକ ପଡୁ ନାହିଁ। ଗତ ଜାନୁଆରୀ ମାସରେ ଜନୈକ ମାଫିଆଙ୍କ ନିମରେ ଏଫଆଇଆର୍ ଦାଏର ହେବା, ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଘଟଣାସ୍ଥଳରେ ୧୪୪ ହେବା, ନଦୀରାସ୍ତାକୁ କାଟିଦିଆଯାଇଥିଲେ ମଧ୍ୟ ଦିନକୁ ଦିନ ଅଧିକ ଉଗ୍ର ହୋଇ ପ୍ରଶାସନର ଗଳାରାସ୍ତାରେ ଶହ ଶହ ଡମ୍ପର ଦ୍ୱାରା ପଶ୍ଚିମବଂଗକୁ ବେଆଇନଭାବେ ବାଲି ପରିବହନ କରାଯାଇ ଆସୁଛି। ଫଳରେ ନଦୀକୂଳ ଗ୍ରାମ ପ୍ରତି ବିପଦ ସୃଷ୍ଟି ହୋଇଛି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ସ୍ଲୋର ଓ ପେଚିଂ କରୁଥିଲାବେଳେ ପ୍ରତିବର୍ଷ ନଦୀକୂଳ ଧୋଇ ହୋଇ ଗ୍ରାମପ୍ରତି ବିପଦ ସୃଷ୍ଟି କରିଛି। ପ୍ରତିବର୍ଷ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନକୁ ବାରମ୍ବାର ଅବଗତ କରି ବିଫଳ ହେବାପରେ ଏନ୍‌ଜିଟିର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ନିକଟରେ କେନ୍ଦ୍ରୀୟ ପରିବେଶ, ଜଂଗଲ ଓ ଜଳବାୟୁ ବିଭାଗ ପକ୍ଷରୁ ରାଜ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ଚୋରାବାଲି ଚାଲାଣ ଉପରେ ଅଂକୁଶ ଲଗାଇବାକୁ କଡା ନିର୍ଦ୍ଦେଶ ଦେଇଥିଲେ। ଆଜି ରାଜ୍ୟ ଖଣି ବିଭାଗ ନିର୍ଦ୍ଦେଶକ କାହ୍ନୁ ଚରଣ ଧୀର, ଯୁଗ୍ମ ନିର୍ଦ୍ଦେଶକ ସୁଶାନ୍ତ କୁମାର ପତି, ଡେପୁଟି ନିର୍ଦ୍ଦେଶକ ଦିଲ୍ଲିପ ସାହୁ, ଜିଲା ଖଣି ଅଧିକାରୀ ଜଗନ ବେହେରା, କନିଷ୍ଠ ଖଣି ଅଧିକାରୀ ତାପସ ବେହେରା, ଆଇଆଇସି ଅଶୋକ ବାରିକ ପ୍ରମୁଖ ବେଲପାଳ ନିକଟ ସୁବର୍ଣ୍ଣରେଖା ନଦୀଶଯ୍ୟା, ଆଡିବନ୍ଧ ଇତ୍ୟାଦି ବୁଲି ଦେଖିଥିଲେ। ନିର୍ଦ୍ଦିଷ୍ଟ କେତେକ ବ୍ୟକ୍ତି ପ୍ରଶାସନକୁ ହାତବାରିସୀ କରି ବାଲି ଲୁଟ କରୁଥିବା ଗ୍ରାମବାସୀମାନେ କହିଥିଲାବେଳେ କେତେକ ବିଭାଗୀୟ ତଳକର୍ମଚାରୀମାନଙ୍କୁ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ତେଣୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି ଅଧିକାରୀମାନେ କହିଥିଲାବେଳେ କେବେ ଏହାର ପୂର୍ଣ୍ଣଛେଦ ପଡିବ ବୋଲି ଗ୍ରାମବାସୀ କହିଛନ୍ତି।

## ବରିଷ୍ଠ ଶିଶୁ ସାହିତ୍ୟିକ ନଳିନୀକାନ୍ତ ପାଢ଼ୀ ସମ୍ବର୍ଦ୍ଧିତ

କାଳିପଦା, ୭।୪ (ସମିସ): ନିଖିଳ ଉତ୍କଳ ପରଶ ମଣି ଶିଶୁସାହିତ୍ୟ ଅନୁଷ୍ଠାନ ତରଫରୁ ଆୟୋଜିତ ଶିଶୁ ପତ୍ରିକା ସମ୍ପାଦକ ସମ୍ମେଳନ ଜୟଦେବ ଶିକ୍ଷକେନ୍ଦ୍ର ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ବାଲିଆପାଳର ଶିଶୁ ସାହିତ୍ୟିକ ନଳିନୀ କାନ୍ତ ପାଢ଼ୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆୟୋଜିତ ସଭାରେ ବାଳ ସାହିତ୍ୟ ପୁରସ୍କାର ପ୍ରାପ୍ତ ଶିଶୁସାହିତ୍ୟିକ ନରେନ୍ଦ୍ର ନାଥ ଦାସ ପୌରାହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁପ୍ରସିଦ୍ଧ ଶିଶୁସାହିତ୍ୟିକ ମହେଶ୍ୱର ମହାନ୍ତି, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟ ଗବେଷକ ଡ଼ ମନୀନ୍ଦ୍ର ମହାନ୍ତି, ବରେଣ୍ୟ ଅତିଥି ଭାବେ ବରିଷ୍ଠ ଶିଶୁ ସାହିତ୍ୟିକ ବରେନ୍ଦ୍ର କୁମାର ସାମନ୍ତରାୟ,



ସଂସାର ପତ୍ରିକାର ସମ୍ପାଦିକା ଅନସୂୟା ନନ୍ଦ, ପରଶମଣି ଶିଶୁ ସାହିତ୍ୟ ଅନୁଷ୍ଠାନର ସଭାପତି ଡ଼ ରାମଚନ୍ଦ୍ର ଦେଓ, ସମ୍ପାଦକ ସୁଶାନ୍ତ କୁମାର ସେନାପତି ଯୋଗ ଦେଇ ଶିଶୁପତ୍ରିକାର ବିଭିନ୍ନ ସମସ୍ୟା, ଗତିଶୀଳତା, ପରିବୃଦ୍ଧି ଉପରେ ଆଲୋଚନା କରିଥିଲେ। ଡ଼ ରାମଚନ୍ଦ୍ର ଦେଓ ଓ ସୁଶାନ୍ତ କୁମାର ସେନାପତିଙ୍କ ସମ୍ପାଦିତ 'ସମ୍ପାଦକୀୟ ଡାଏରୀ 'ଓ ଶିଶୁ ସାହିତ୍ୟିକ କବି ନଳିନୀ କାନ୍ତ ପାଢ଼ୀଙ୍କ ରଚିତ ଶିଶୁ -କିଶୋର କବିତା ପୁସ୍ତକ "ଗାଁ ରେ ବସିଛି ବଜାର 'ସୁକାନ୍ତ ପଣ୍ଡାଙ୍କ ସମ୍ପାଦିତ "ଶିଶୁ ସମାଚାର 'ଉନ୍ମୋଚିତ ହୋଇଥିଲା। ସୁଶାନ୍ତ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇଏମଏସଆର ନର୍ସିଂ ମହାବିଦ୍ୟାଳୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ




ବାଲେଶ୍ୱର,୭।୪(ସମିସ): କାଳିଦାସପୁରଠାରେ ଅବସ୍ଥିତ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍ସ ଆଣ୍ଡ ରିସର୍ଚ୍ଚ(ଆଇଏମ ଏସ ଆର)ରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ଉପାଧକ୍ଷ ନିକୁଞ୍ଜ ମହାନ୍ତି ଛାତ୍ରଛାତ୍ରୀଙ୍କୁ ଏହି ଦିବସର ଅତୀତ ଓ ବର୍ତ୍ତମାନ ଆମର କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଡ. ରାଜେନ୍ଦ୍ର ପାତ୍ର ଯୋଗଦେଇ ଏହାର ତାତ୍ପର୍ଯ୍ୟ ବୁଝାଇଥିଲେ। ଏହି ଉପଲକ୍ଷେ ଛାତ୍ର ଛାତ୍ରୀଙ୍କୁ ନେଇ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ପୋଷ୍ଟର ପ୍ରତିଯୋଗିତା କରାଯାଇ ବାର୍ଷିକ ଉତ୍ସବରେ ପୁରସ୍କାର ଦିଆଯିବ ବୋଲି ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜିକା ସଂଗୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୀରବାବାଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ଜଲସା କାର୍ଯ୍ୟକ୍ରମ

ବାଲିଆପାଳ, ୭।୪ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିଆପାଳ ପଞ୍ଚାୟତ କଟୁଆ ପଡା ଗ୍ରାମରେ ଥିବା ହଜରତ ହାପିଜ ବଦିରୋଦ୍ଦିନ୍ ପୀର ବାବାଙ୍କ ୩୪ ତମ ବାର୍ଷିକ ଉତ୍ସବ ଉପଲକ୍ଷେ କାଦରୀ କମିଟି ପକ୍ଷରୁ ଜଲସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା



ସୁବାସିନି ଜେନା ଯୋଗଦେଇ ବସ୍ତା ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ଲଘୁ ସଂମ୍ପ୍ରଦାୟ ଭାଇ ଭଉଣୀ ମାନଙ୍କୁ ମୁବାରକ ବାତ ଦେବା ସହିତ ସମସ୍ତଙ୍କ ସୁଖ, ସମୃଦ୍ଧି ପାଇଁ ବାବାଙ୍କ ପାଖରେ ପୂଜାର୍ଚ୍ଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ବେଣୁଧର ଜେନା, ସମାଜସେବୀ ସୈମ୍ୟଦିପ ଚକ୍ରବର୍ତ୍ତୀ, ଭାସ୍କର ସାହୁ, ନଜିର ଖାଁ ପ୍ରମୁଖ ଯୋଗଦେଇ ଥିଲେ। କମିଟି ର ସଭାପତି ସାବୁଉଦ୍ଦିନ ସାହା, ସମ୍ପାଦକ ଜୁମାସାହା, ଇନତାଜ ସାହା,ଶେଖ ବୁଲୁ, କ୍ଷୀରୋଦ ସାହା,ଶେଖ ଜହର ଶେଖ ଇବ୍ରାହିମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍କୁଲରେ ବୃକ୍ଷରୋପଣ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା

ବାଲେଶ୍ୱର,୭ ।୪(ସମିସ): ଏସଆରବି ସ୍ୱସ୍ତିକ ପୋର୍ଭଟି ଫାଉଣ୍ଡେସନ ପକ୍ଷରୁ ଦହପଡା ବିଦ୍ୟାଧର ପ୍ରାଥମିକ ବିଦ୍ୟାଳୟରେ ବୃକ୍ଷ ରୋପଣ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ



ଶୁଭ୍ରାନ୍ତି ମହାପାତ୍ର ସହଯୋଗ କରିଥିଲେ। ଶିକ୍ଷୟତ୍ରୀ ସଂଯୁକ୍ତା ପାଢ଼ୀ, ସୁଶ୍ରୀ ସଂଗୀତ ନନ୍ଦୀ, ଅବଦୁଲ ୱାହିଦ ଅକ୍ତର ଖାଁ, ମଧୁସ୍ମିତା ରାଉତ, ରୁପାଲୀ ନାୟକ, ଅଲିଭା ଜେନା ଉପସ୍ଥିତ ରହି ବୃକ୍ଷ ରୋପଣ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରିଥିଲେ। ଏହି କାର୍ଯ୍ୟକ୍ରମ ସଂଗଠନ ଅଧକ୍ଷା ସଂଯୁକ୍ତା ରାଣୀ ବେହେରାଙ୍କ ସହ ଅନ୍ୟ କର୍ମକର୍ତା ତଥା ସବିତା ମହାନ୍ତି, ଅମିତା ଚାନ୍ଦ, ରଞ୍ଜିତ ପୃଷ୍ଟି, ବିଜୟ ବାରିକ, ରଜତ ବାରିକ, ଗତିକୃଷ୍ଣ ପାତ୍ର, ସୁବ୍ରତ ଦାସ, ହରିଶ ଜେନା, ସୁଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ପାଠପଢ଼ା

**କାନ୍ଥଭଉଁରୀ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଦୟନୀୟ ଚିତ୍ର**

ଚନ୍ଦନେଶ୍ୱର, ୭।୪ (ସମିସ)

ଶିକ୍ଷା ମାନବ ଜୀବନର ମୂଳ ଆଧାର ବୋଲି କୁହାଯାଏ, କିନ୍ତୁ ଯେତେବେଳେ ସେହି ଶିକ୍ଷା ପାଇଁ ଛାତ୍ରଛାତ୍ରୀମାନେ ନିଜ ଜୀବନକୁ ବିପଦରେ ରଖିବାକୁ ବାଧ୍ୟ ହୁଅନ୍ତି, ସେଥିରେ ପ୍ରଶାସନ ଓ ସମାଜ ପାଇଁ ଏକ ଗଭୀର ପ୍ରଶ୍ନ ଉଠିଥାଏ। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର କାନ୍ଠଥଭଉଁରୀ ପଞ୍ଚାୟତ ଅଧୀନରେ ଥିବା କାନ୍ଠଥଭଉଁରୀ ନୋଡାଲ ପ୍ରାଥମିକ ବିଦ୍ୟାଳୟ ଏହି ଦୁର୍ଦ୍ଦଶାର ଏକ ସ୍ପଷ୍ଟ ଉଦାହରଣ। ପୁରାତନ ପରମ୍ପରା ଓ ଗ୍ରାମବାସୀଙ୍କ ସହଯୋଗରେ ଗଢ଼ିଉଠିଥିବା ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢା ଚାଲିଛି। ପ୍ରାୟ ୧୪୦ ଜଣ ଛାତ୍ରଛାତ୍ରୀ ଏଠାରେ ଶିକ୍ଷା ଗ୍ରହଣ କରୁଥିବା ବେଳେ, ସେମାନଙ୍କୁ ପଢ଼ାଇବା ପାଇଁ ମାତ୍ର ୪ ଜଣ



ଶିକ୍ଷକ ନିଯୁକ୍ତ ଅଛନ୍ତି। ଏହି ଅସମତୁଳିତ ବ୍ୟବସ୍ଥା ଶିକ୍ଷାର ଗୁଣଗତ ମାନକୁ ପ୍ରଭାବିତ କରୁଥିବା ସହ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ମଧ୍ୟ ଅନିଶ୍ଚିତତାର ଛାୟାରେ ରଖିଛି। ତଥାପି ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ବିଦ୍ୟାଳୟର ଭୌତିକ ପରିକଳ୍ପନାର ଦୟନୀୟ ଅବସ୍ଥା। ବର୍ଷରୁ ବର୍ଷ ଧରି ମରାମତି ଅଭାବରେ ବିଦ୍ୟାଳୟର ଶ୍ରେଣୀଗୃହ ଗୁଡ଼ିକ ଜର୍ଜରିତ ଓ ବିପଦଶଙ୍କୁଳ ହୋଇପଡ଼ିଛି। ଫାଟିଥିବା କାନ୍ଥ, ଭାଙ୍ଗିଯାଇଥିବା ଝରକା ଓ ଏଜବେଷ୍ଟ ଛପର ଯେକେହି ସମୟରେ ଭୟଙ୍କର ଦୁର୍ଘଟଣାର ସୂଚନା ଦେଉଛି। ବର୍ଷା ଋତୁ ଆସିଲେ ପରିସ୍ଥିତି ଆଉ ଭୟାବହ ରୂପ ନେଉଛିଶ୍ରେଣୀକକ୍ଷ ଭିତରକୁ ପାଣି ପସିଯାଇ ଛାତ୍ରଛାତ୍ରୀଙ୍କୁ ଭିଜା ପରିବେଶରେ ବସି ପଢ଼ିବାକୁ ବାଧ୍ୟ କରୁଛି। ଏହା ସହିତ, କକ୍ଷମାନଙ୍କ ଫାଟ ଓ ଅବ୍ୟବସ୍ଥିତ ପରିବେଶ ବିଷାକ୍ତ ସାପ ଓ ବିଛାଙ୍କ ପାଇଁ ଆଶ୍ରୟସ୍ଥଳୀ ହୋଇପଡ଼ିଛି, ଯାହା ଛୋଟ ଛୋଟ ପିଲାମାନଙ୍କ ଜୀବନକୁ ପ୍ରତିକ୍ଷଣ ବିପଦରେ ପକାଇ ରଖିଛି। ଏହି ପରିସ୍ଥିତିରେ ପାଠପଢ଼ା କରାଯାଉଥିବା ଦୃଶ୍ୟ ଅଭିଭାବକ ଓ ସ୍ଥାନୀୟ ଲୋକମାନଙ୍କ ମନରେ ଗଭୀର ଆତଙ୍କ ସୃଷ୍ଟି କରୁଛି। ଅଭିଭାବକମାନଙ୍କ କଥାରେ, ଆମ ପିଲାମାନେ ଶିକ୍ଷା ପାଇଁ ବିଦ୍ୟାଳୟକୁ ଯାଉଛନ୍ତି, କିନ୍ତୁ କେବେ କଣ ଅପ୍ରତ୍ୟାଶିତ ଦୁର୍ଘଟଣା ଘଟିଯିବ, ସେଥିପାଇଁ ଆମେ ସଦା ଭୟରେ ରହୁଛୁ। ଏହି ଅବସ୍ଥାରେ ଶିକ୍ଷକମାନେ ମଧ୍ୟ ଅସହାୟ ଭାବରେ ବିପଦପୂର୍ଣ୍ଣ ପରିବେଶରେ ପାଠପଢ଼ା ଜାରି ରଖିବାକୁ ବାଧ୍ୟ ହେଉଛନ୍ତି। ସ୍ଥାନୀୟ ଗ୍ରାମବାସୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏହି ଦୟନୀୟ ପରିସ୍ଥିତି ପ୍ରତି ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଅଭିଭାବକମାନେ ସରକାରଙ୍କ ନିକଟରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ନୂତନ ଶ୍ରେଣୀଗୃହ ନିର୍ମାଣ କିମ୍ବା ପୁରୁଣା ଗୃହଗୁଡ଼ିକର ମରାମତି କରିବାକୁ ଦାବି ଜଣାଇଛନ୍ତି। ସ୍ଥାନୀୟ ଲୋକମାନଙ୍କ ମତାନୁସାରେ, ଯଦି ସମୟରେ ଏହି ଗୁରୁତର ସମସ୍ୟାର ସମାଧାନ ନ କରାଯାଏ, ତେବେ ଏକ ଦିନ ଗଭୀର ଦୁର୍ଘଟଣା ଘଟିବାର ଆଶଙ୍କାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଏହି ପରିସ୍ଥିତି କେବଳ ଶିକ୍ଷା ବ୍ୟବସ୍ଥାର ଦୁରାବସ୍ଥାକୁ ଉଜାଗର କରୁନାହିଁ, ବରଂ ଛାତ୍ରଛାତ୍ରୀଙ୍କ ମୌଳିକ ସୁରକ୍ଷା ଅଧିକାର ପ୍ରତି ଅବହେଳାକୁ ମଧ୍ୟ ପ୍ରକାଶ କରୁଛି। ଏହିପରି ସ୍ଥିତିରେ ସମ୍ପୃକ୍ତ ବିଭାଗ ତୁରନ୍ତ ସଚେତନ ହୋଇ ଶୀଘ୍ର ଓ ଦୃଢ଼ ପଦକ୍ଷେପ ନେବା ଅତ୍ୟାବଶ୍ୟକ ବୋଲି ସାଧାରଣରେ ଦାବି ଜୋର ଧରିଛି।

